

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି ।

# ରାଷ୍ଟ୍ରପତି ଶାସନରୁ ବର୍ତ୍ତିଲା ତାମିଲନାଡୁ

ଚେନ୍ନାଇ, ୯।୫(ଏଜେନ୍ସି): ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ସହ ୪ ଥର ସାକ୍ଷାତ । ରାଜ୍ୟପାଳଙ୍କ ଜିଦ୍ ପ୍ରଥମେ ସଂଖ୍ୟା (୧୧୮)ର ପ୍ରମାଣ ଦିଅ, ତାପରେ ଯାଇ ସରକାର ଗଠନ । ପ୍ରଥମ ଦିନରେ ହିଁ କଂଗ୍ରେସ (୫) ସମର୍ଥନ ଘୋଷଣା କଲା । ତାପର ଦିନ ସିପିଆଇ (୨) ଏବଂ ସିପିଏମ୍(୨) ସମର୍ଥନ ଘୋଷଣା କଲେ । ସଂଖ୍ୟା ପହଞ୍ଚିଲା ୧୧୬ରେ । ବିଧାନସଭା ଭିତରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଦେବେ ବୋଲି ସର୍ବାଧିକ ଆସନ ପାଇଥିବା ଟିଭିକେର ମୁଖ୍ୟ ବିଜୟ ରାଜ୍ୟପାଳଙ୍କ ନିକଟରେ ଯୁକ୍ତି ରଖିଲେ । କିନ୍ତୁ ୧୧୮ ବିଧାୟକଙ୍କ ସମର୍ଥନପତ୍ର ନମିଳିବା ପର୍ଯ୍ୟନ୍ତ ସରକାର ଗଠନ ପାଇଁ ଆମନ୍ତ୍ରଣ କରିବେ ନାହିଁ ବୋଲି କହି ବିଜୟଙ୍କୁ ରାଜଭବନରୁ ତିନି ଥର ଫେରାଇଦେଲେ ରାଜ୍ୟପାଳ । ଶେଷରେ ଆଜି ୧୨୦ ବିଧାୟକଙ୍କ ସମର୍ଥନପତ୍ର ଦେଖି ବିଜୟଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେଇଛନ୍ତି ରାଜ୍ୟପାଳ । ଗତ ୫ ଦିନ ଧରି ତାମିଲନାଡୁ ରାଜନୀତିରେ ଏମିତି ଚାଲିଲା ଡ୍ରାମାବାଜି । ବିଜୟ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ତେବେ ୪ ଦିନ ଭିତରେ ଅର୍ଥାତ ୧୩ ତାରିଖ ସୁଦ୍ଧା ବିଧାନସଭାରେ ଆସ୍ଥା ଭୋଟ ଲୋଡ଼ିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟପାଳ । ସାଧାରଣତଃ ଆସ୍ଥା ଭୋଟ ପାଇଁ ସାତ ଦିନ ସମୟ ଦିଆଯାଉଥିବା ବେଳେ ଏଠାରେ ରାଜ୍ୟପାଳ କିନ୍ତୁ ଦେଇଛନ୍ତି ମାତ୍ର ୪ ଦିନ । ଏହାକୁ ନେଇ ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ରାଜ୍ୟ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିନଥିଲା । ତେବେ ସର୍ବାଧିକ ୧୦୮ ଆସନ ହାସଲ କରିଥିବା ଟିଭିକେ ସରକାର ଗଠନ ପାଇଁ ଦାବି ଜଣାଇଥିଲା । ୨୩୪ ସଭ୍ୟ ବିଶିଷ୍ଟ ବିଧାନସଭାରେ ସରକାର ଗଠନ ପାଇଁ ୧୧୮ ବିଧାୟକଙ୍କ ସମର୍ଥନ ଦରକାର । ବିଜୟ ୨ଟି ଆସନରେ ବିଜୟୀ ହୋଇଥିବାରୁ ତାଙ୍କ ପାର୍ଟିର ବିଧାୟକ ସଂଖ୍ୟା ୧୦୭ ହେଉଛି । ତେଣୁ ସରକାର ଗଠନ ପାଇଁ ଆଉ ୧୧ ଜଣଙ୍କ ସମର୍ଥନ ଦରକାର ଥିବା ବେଳେ କଂଗ୍ରେସ, ସିପିଆଇ ଏବଂ ସିପିଏମ୍ ସମର୍ଥନ ଘୋଷଣା କରିଥିଲେ । ଏମାନଙ୍କର ୯ ଜଣ ବିଧାୟକ ଅଛନ୍ତି । ଆଉ ଦୁଇ ବିଧାୟକଙ୍କ ସମର୍ଥନ ଦରକାର ଥିବା ବେଳେ ଭିସିକେ ଏବଂ ମୁସଲିମ ଲିଗ୍ ୪ ଦିନ ଅପେକ୍ଷା କରାଇବା ପାରେ ଆଜି ସମର୍ଥନ ଘୋଷଣା କରିଛନ୍ତି । ଏହାସହିତ ଗତ ୫ ଦିନ ଧରି ତାମିଲନାଡୁ ରାଜନୀତିରେ ଚାଲିଥିବା ଛକାପଞ୍ଝା ଓ ରାଜନୈତିକ ଅନିଶ୍ଚିତତାର ଅବସାନ ଘଟିଛି ।

ତେବେ ଏହି ୫ ଦିନରେ ଅନେକ ଘଟଣା ଘଟିଯାଇଛି । ଭିସିକେ ଏବଂ ମୁଲିମ୍ ଲିଗ ସମର୍ଥନ ଅଟକାଇବା ଏବଂ ଡିଏମକେ-ଆନ୍ନାଡିଏମକେ ମେଣ୍ଟ ସରକାର ପାଇଁ ଉଦ୍ୟମ କରିବା ଖବର ରାଜ୍ୟ ରାଜନୀତିକୁ ଉଷ୍ମ କରିଥିଲା । ପୁଣି ଏଏମଏମକେ ଭଳି ଦଳ ବିଜୟଙ୍କ ବିରୋଧରେ ବିଧାୟକ କିଣା ଅଭିଯୋଗ ଆଣିଥିଲେ । ଦଳ ଅଭିଯୋଗ ଆଣିଥିଲା ଯେ ଏହାର ମାତ୍ର ଜଣେ ବିଧାୟକଙ୍କୁ ଅପହରଣ ପାଇଁ ଉଦ୍ୟମ କରାଯାଉଛି । ଏସଂପର୍କରେ ପାର୍ଟି ପୁଲିସରେ ଏତଲା ମଧ୍ୟ ଦେଇଥିଲା । ଏହି ୫ ଦିନ ଧରି ଏମିତି ଖେଳ କାହିଁକି ଚାଲିଲା? ଏସଂପର୍କରେ ଏକ ବିସ୍ଫୋରକ ଖବରର ଖୁଲାସା କରିଛନ୍ତି ସିପିଏମ୍ ଏବଂ ସିପିଆଇ ନେତା । ସେମାାନେ ଅଭିାଯୋଗ କରିଛନ୍ତି ଯେ ଏମିତି ସମୟ ଗଡ଼ାଇ ରାଜ୍ୟରେ ରାଷ୍ଟ୍ରପତି ଶାସନ ପାଇଁ ଚକ୍ରାନ୍ତ ଚାଲିଥିଲା । ବିଜୟଙ୍କୁ ସମର୍ଥନ ନକରିବା ଲାଗି ଭିସିକେ ନେତାଙ୍କ ଉପରେ ଚାପ ପକାଯାଉଥିଲା । ଏମିତି ଅଚଳାବସ୍ଥା ଜାରି ରହିଲେ ରାଜ୍ୟପାଳ କେନ୍ଦ୍ରୀୟ ଶାସନ ପାଇଁ ରିପୋର୍ଟ ଦେଇଥାଆନ୍ତେ । ଏହା ପଛରେ ବିଜେପିର ହାତ ଥିବାର ଖବର ମିଳିବା ପରେ ସେମାନେ ଭିସିକେ ନେତାଙ୍କୁ ଭେଟି ବିଜୟଙ୍କୁ ସମର୍ଥନ ଦେବାଲାଗି ବୁଝାଇଥିଲେ । ମୁସଲିମ ଲିଗ୍ ନେତାମାନଙ୍କୁ ମଧ୍ୟ ଭେଟି ଏବିଷୟରେ ଅବଗତ କରାଯାଇଥିଲା । ପଛଦ୍ୱାର ଦେଇ ଶାସନ ପାଇଁ ବିଜେପିର ଏହି ଚାଲ ଧରାପଡ଼ିବା ପରେ ଉଭୟ ଭିସିକେ ଏବଂ ମୁସଲିମ ଲିଗ୍ ବିଜୟଙ୍କୁ ସମର୍ଥନ ଦେବାଲାଗି ଘୋଷଣା କରିଥିଲେ । ଫଳରେ ରାଜ୍ୟ ସମ୍ଭାବ୍ୟ ରାଷ୍ଟ୍ରପତି ଶାସନ ଚକ୍ରାନ୍ତରୁ ବର୍ତ୍ତିଗଲା ବୋଲି ସେମାନେ କହିଛନ୍ତି ।

## ଭଉଁରୀ ସାଙ୍ଗକୁ ଦ୍ୱିତୀୟ ଶନିବାର

# ଶ୍ରୀମନ୍ଦିରରେ ଭିଡ଼; ସହରରେ ଟ୍ରାଫିକ୍ ଜାମ୍




ପୁରୀ, ୯।୫(ସମିସ): ଶନିବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ । ବାହାର ଚନ୍ଦନ ଯାତ୍ରାର ସବୁଠୁ ଆକର୍ଷଣ ଦିନ । ତେଣ ମହାପ୍ରଭୁଙ୍କ ଭଉଁରୀ ଯାତ ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା । ପୁଣି ଦ୍ୱିତୀୟ ଶନିବାର ଯୋଗୁଁ ଛୁଟି ଥିଲା । ତେଣୁ ଛୁଟିଦିନ ସାଙ୍ଗକୁ ଠାକୁରଙ୍କ ଭଉଁରୀ ଯାତ ପାଇଁ ପୁରୀରେ ପ୍ରବଳ ଗହଳି ହୋଇଥିଲା । ଅପରାହ୍ଣ ପରଠାରୁ ଭିଡ଼ ଏମିତି ହୋଇଥିଲା ଯେ, ସହରରେ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା । ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ପ୍ରମୁଖ ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାରେ ହିଁ ଏହାର ପ୍ରଭାବ ଜଣାପଡ଼ିଥିଲା । ସନ୍ଧ୍ୟାରେ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ବିଶେଷକରି ମେଡିକାଲ ଛକ ସଂଲଗ୍ନ ରାସ୍ତାରେ ଗାଡ଼ିଗୁଡ଼ିକ ଲମ୍ବା ଲାଇନ୍‌ରେ ଥିବା ଦେଖିବାକୁ ମିଳିଥିଲା । ଫଳରେ ପୁଲିସକୁ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା । ଏହି ଭିଡ଼ ଭିତରେ ଗୋଟିଏ କାର୍ ଶ୍ରୀମନ୍ଦିର କାର୍ଯ୍ୟାଳୟ ପାଖକୁ ଯାଇଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ ଶ୍ରଦ୍ଧାଳୁ ।

ମେ’ ୯ ତାରିଖ ଦ୍ୱିତୀୟ ଶନିବାର ସାଙ୍ଗକୁ ଥିଲା ଭଉଁରୀ ଯାତ । ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ୨୧ ଘେରା ଚାପ ଖେଳ ଦେଖିବା ପାଇଁ ଅପରାହ୍ଣ ପରଠାରୁ ବଡ଼ଦାଣ୍ଡରେ ଭିଡ଼ ଆରମ୍ଭ ହୋଇଯାଇଥିଲା । ଅଧିକାଂଶ ଭକ୍ତ ଦିନ ଚାପ ଦେଖିବା ସହ ରାତିରେ ଠାକୁରଙ୍କ ୨୧ ଘେରା ଚାପ ଦେଖିବାକୁ ଅପେକ୍ଷା କରିଥିଲେ । ଏମିତି ବି ଦ୍ୱିତୀୟ ଶନିବାର ଏବଂ ରବିବାର ଦୁଇଦିନିଆ ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ଅଧିକ ରହିଥିଲା । ଫଳରେ ପୁରୀକୁ ଅପରାହ୍ଣ ପରଠାରୁ ବହୁ ସଂଖ୍ୟାରେ ଚାରିଚକିଆ ଗାଡ଼ି ଆସୁଥିଲା । ଏହି ଭିଡ଼ ଯୋଗୁଁ ସନ୍ଧ୍ୟାରେ କୁମ୍ଭାରପଡ଼ାରୁ ମେଡିକାଲ ଛକ, ମେଡିକାଲ ଛକରୁ ଭିଆଇପି ରୋଡ୍, ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀମନ୍ଦିର ପାର୍ଶ୍ୱକୁ ଚାଲି ଚାଲି ଯିବା କଷ୍ଟକର ହୋଇପଡ଼ିଥିଲା । ଏହାରି ଭିତରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କାର୍ ଯାଇଥିଲା । ଭିଡ଼ରେ ଏହି କାର୍‌କୁ କାହିଁକି ଛଡ଼ାଗଲା ବୋଲି ପ୍ରଶ୍ନ ଉଠାଇଥିଲେ ସ୍ୱାଧୀନ କୁମାର ପଣ୍ଡା ଏବଂ ଅନ୍ୟମାନେ । ଅନ୍ୟପକ୍ଷରେ ଦୁଇଦିନିଆ ଛୁଟି ଥିବାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ପୁରୀକୁ ଆସିଥିଲେ । ଫଳରେ ବେଳାଭୂମି ରାସ୍ତାରେ ବି ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳିଥିଲା ।

## ରାୟଗଡ଼ାରେ ଚାଞ୍ଚଲ୍ୟ

# ଗୁଳି କରି ଯୁବକଙ୍କୁ ଅପହରଣ

ରାୟଗଡ଼ା, ୯।୫ (ସମିସ): ଯୁବକଙ୍କୁ ଗୁଳି କରି ଅପହରଣ । ରାୟଗଡ଼ା ସହର ଇନ୍ଦିରାନଗର ତୃତୀୟ ଲେନ୍‌ରେ ଆଜି ଏଭଳି ଏକ ଆପରାଧିକ ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଯୁବକଙ୍କ ଦେହରେ ଦୁଇ ରାଉଣ୍ଡ ଗୁଳି ବାଜିଥିବା କୁହାଯାଉଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଅପହୃତ ଯୁବକଜଣଙ୍କ ହେଲେ, ନିଖିଲ । ଘଟଣାକୁ ଗୁରୁତ୍ୱର ସହ ନେଇ ରାୟଗଡ଼ା ପୁଲିସ ତଦନ୍ତ ଆରମ୍ଭ କରିଛି ।

ସୂଚନାନୁଯାୟୀ, ଆଜି ପାଖାପାଖି ରାତି ୧୦ଟାରେ କିଛି ଯୁବକ ଗୋଟିଏ ବୁଲେଟ୍ ଏବଂ ଏକ କାର୍‌ରେ ଜଣେ ଯୁବକଙ୍କୁ ପିଛା କରି ଧରିଥିଲେ । ପରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଯୁବକଜଣଙ୍କ ଭୟରେ ଦୌଡ଼ି ପଳାଇବା ସମୟରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ଯୁବକଜଣଙ୍କ ଜୀବନ ବିକଳରେ ସ୍ଥାନୀୟ ଜଣେ ଲୋକଙ୍କ ଘରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରି ରିଂରୋଡ୍ ପଟେ ଚାଲିଯାଇଥିବା ଜଣାପଡ଼ିଛି ।

### ପୁଲିସର ତନାଘନା

ରାୟଗଡା ଟାଉନ୍ ଥାନା ପୁଲିସ ସୂଚନା ପାଇ ତଦନ୍ତ ଆରମ୍ଭ କରିଛି । ଗୁଳିକାଣ୍ଡ ଘଟଣାକୁ ପୁଲିସ ଅସ୍ୱୀକାର କରିଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ରାୟଗଡ଼ା ଥାନା ଆଇଆଇସି ପ୍ରସନ୍ନ ବେହେରା କହିଛନ୍ତି । ତେବେ ଯୁବକଙ୍କୁ ଗୁଳି ବାଜିଥିବା ଓ ଦୁଇ ରାଉଣ୍ଡ ଗୁଳି ଫୁଟିଥିବା ଜଣାପଡ଼ିଛି ।

## ■ ପୁଣି ଚର୍ଚ୍ଚାରେ ଜିତୁ ମୁଣ୍ଡା

# ଘରକୁ ପାଣି ଯୋଗାଣ ନହେଲେ ପୁଣି କଙ୍କାଳ ବୋହିବେ!

ତୁରୁମୁଙ୍ଗା, ୯।୫ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ଏବେ ପୁଣିଥରେ ଚର୍ଚ୍ଚାରେ । ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଜିତୁ ସେଥିରେ କହୁଛନ୍ତି ଯେ ଘରକୁ ପାଇପ ଯୋଗେ ପାନୀୟ ଜଳ ସଂଯୋଗ ନହେଲେ ପୁଣିଥରେ କଙ୍କାଳ ବୋହିବେ । ସୂଚନାଯୋଗ୍ୟ ଯେ ଜିତୁ ମୁଣ୍ଡା ତାଙ୍କ ଭଉଣୀ କାଲାରା ମୁଣ୍ଡାଙ୍କ ଜମା ଟଙ୍କାକୁ ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଉଠାଇବାକୁ ଯାଇଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷ ଭଉଣୀ ନ ଆସିଲେ ଟଙ୍କା ଦେବୁ ନାହିଁ କହିବାରୁ ଜିତୁ ନିଜ ଭଉଣୀର ଶବକୁ ମଶାଣିରୁ ଖୋଳି କଙ୍କାଳ ବୋହି ପ୍ରଚଣ୍ଡ ଖରାରେ ଚାଲିଚାଲି ଯାଇ ବ୍ୟାଙ୍କ ସମ୍ମୁଖରେ ରଖି ଭଉଣୀର ଜମା ଟଙ୍କା ଦେବାକୁ କହିଥିଲେ । ଭଉଣୀ କଙ୍କାଳ ବୋହିବା ଘଟଣା ପରେ ଜିତୁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ । ଘଟଣାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇବା ସହ ଜିତୁଙ୍କ ନିକଟରେ ପହଞ୍ଚିଥିଲା । ସରକାରଙ୍କ ସମେତ ବିଭିନ୍ନ ବେସକାରୀ ଅନୁଷ୍ଠାନ ଜିତୁଙ୍କୁ ସହାୟତାର ହାତ ବଢ଼ାଇଥିଲେ ।

# ଲୁପ୍ତପ୍ରାୟ କଳା ‘ଗୋବର କଣ୍ଢେଇ’

ଭୁବନେଶ୍ୱର, ୯।୫ (ସମିସ): ୧୫ ବର୍ଷ ବୟସରେ ପୁରୀରୁ ବୋହୂ ରୂପେ ରଘୁରାଜପୁର ଆସିଥିବା ଶଶିମଣି ମହାରଣା ଗୋବର କଣ୍ଢେଇ ନିର୍ମାଣର କଳା ଆରମ୍ଭ କରିଥିଲେ । ସେ ଆଜି ୮୮ ବର୍ଷ ବୟସରେ ଉପନୀତ ହୋଇଥିବା ବେଳେ ଏହି ‘ଗୋବର କଣ୍ଢେଇ’ ଏବେ ଲୁପ୍ତପ୍ରାୟ ହେବାକୁ ବସିଲାଣି । ଆଜିକୁ ତିନି ଦଶନ୍ଧି ପୂର୍ବେ ବାଲିଯାତ୍ରା, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏବଂ ପୁରୀ ଗସ୍ତ ସମୟରେ ବେଶ୍ ସୁନ୍ଦର ରୂପେ ଦୋହଲୁଥିବା ବାଘ ଏବଂ ହାତୀର ଗୋବରରେ ତିଆରି ପ୍ରତିକୃତି ମିଳୁଥିଲା । ଶିଳ୍ପୀ ପରିବାରରୁ ଆସିଥିବା ଶଶିମଣି ବ୍ୟକ୍ତିଗତ ଜୀବନରେ ଏହି ଗୋବର କଣ୍ଢେଇ ହସ୍ତଶିଳ୍ପର ଜଣେ ଧୂରୀଣ ହସ୍ତଶିଳ୍ପୀ । ବିଭିନ୍ନ କାଗଜ ମଣ୍ଡ ଓ ଗୋବରର ଏକ ନିର୍ଦ୍ଦିଷ୍ଟ ଆନୁପାତିକ ସମ୍ମିଶ୍ରଣରେ ଏହି କଣ୍ଢେଇ ନିର୍ମାଣ କରାଯାଉଥିବା ବେଳେ ଏହାକୁ ବିଭିନ୍ନ ରଙ୍ଗ, ଆକାର ଏବଂ ଶୈଳୀରେ ବେଶ୍ ସୁନ୍ଦର ଖେଳଣାର ରୂପ ଦିଆଯାଉଥିଲା ।



ଫେଡେରେସନ୍ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ଲେଡିଜ୍ ଅର୍ଗାନାଇଜେସନ, ଭୁବନେଶ୍ୱର (ଫିକି ଫ୍ଲୋ)ର ଅଧ୍ୟକ୍ଷା ବିୟତପ୍ରଜ୍ଞା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରଘୁରାଜପୁର ଗସ୍ତ କରି ପଞ୍ଚମୀ ମାନୁଉକିଲଙ୍କ ମାନସ ସନ୍ତାନ ‘ମହିଳା କାରିଗର ସହାୟତା ଏବଂ ଜ୍ଞାନ ସମୃଦ୍ଧି କାର୍ଯ୍ୟକ୍ରମ’ ଅନ୍ତର୍ଗତ ଏହି ବୟସ୍କା ମହିଳାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

# ନିରବୀ ଗଲେ ଶ୍ରମିକନେତା କମ୍ରେଡ୍ ବିଷ୍ଣୁ ମହାନ୍ତି

ରାଉରକେଲା, ୯।୫(ସମିସ): ବିଶିଷ୍ଟ ଶ୍ରମିକ ନେତା, ବାମପନ୍ଥୀ ନେତା ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ଓଡ଼ିଶା ସାଧାରଣ ସମ୍ପାଦକ କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ପରଲୋକ ଘଟିଛି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଆଜି ଭୋର୍ ପ୍ରାୟ ୩ଟା ୧୫ରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କୁ ୭୫ ବର୍ଷ ହୋଇଥିଲା । ଏହି ଦୁଃଖଦ ଖବର ସମଗ୍ର ଶ୍ରମିକ ସମାଜ, ଟ୍ରେଡ୍ ୟୁନିଅନ୍ ସଂଗଠନ ଏବଂ ସାମାଜିକ କର୍ମୀଙ୍କୁ ଗଭୀର ଦୁଃଖ ଦେଇଛି । ସେ ସାରା ଜୀବନ ଶ୍ରମିକ, ଠିକା ଶ୍ରମିକ ଏବଂ ଶ୍ରମିକ ବର୍ଗର ଅଧିକାର ପାଇଁ ଲଢ଼ିଥିଲେ । ବିଭିନ୍ନ ସାମାଜିକ, ରାଜନୈତିକ ଏବଂ ଟ୍ରେଡ୍ ୟୁନିଅନ୍ ସଂଗଠନ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି ।



ଛାତ୍ର ଜୀବନରୁ ସେ ବାମପନ୍ଥୀ ଛାତ୍ର ସଂଗଠନ ଭାରତର ଛାତ୍ର ଫେଡେରେସନ୍(ଏସଏଫ୍ଆଇ) ରେ ସାମିଲ ହୋଇଥିଲେ । ରାଉରକେଲା ସରକାରୀ ମହାବିଦ୍ୟାଳୟ ଛାତ୍ର ସଂସଦର ୩ଥର ସଭାପତି ଓ ରାଉରକେଲା ଆଇନ ମହାବିଦ୍ୟାଳୟ ଛାତ୍ର ସଂସଦର ୩ଥର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ପରେ ସୁନ୍ଦରଗଡ଼ ଜିଲ୍ଲା ତଥା ଓଡ଼ିଶାର ଏକ ଛାତ୍ରନେତା ଭାବରେ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ୨୪ମାସ ଜେଲ୍‌ରେ ଥିଲେ । ସେତେବେଳେ ତାଳଚେର ବିମଳାଗଡ଼ ରେଳପଥ ଆନ୍ଦୋଳନ, ରାଉରକେଲାରେ ଠିକା ଶ୍ରମିକ ଆନ୍ଦୋଳନରେ ଜଣେ ଛାତ୍ରନେତା ହିସାବରେ ନେତୃତ୍ୱ ନେଉଥିବା ବେଳେ ପୁଣିଥରେ ବର୍ଷାଧିକ କାଳ ଜେଲ୍ ଯିବାକୁ ପଡ଼ିଥିଲା । ସେ ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ ତଥା ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଥିଲେ । ୨୦୦୦ ମସିହାରୁ ଜୀବନର ଶେଷ ପର୍ଯ୍ୟନ୍ତ ଲଗାତାର ଭାବେ ଦୀର୍ଘ ୨୬ବର୍ଷ ଧରି ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଥିଲେ । ମଧୁମେହଜନିତ ଦୁରାରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି ।

# ମହୁମାଛି ଆକ୍ରମଣରେ ୮ ଆହତ

କଟକ, ୯।୫(ସମିସ): ବାଙ୍କୀ ସୀମୋର୍ ମୁଖ୍ୟ ରାସ୍ତାରେ ମହୁମାଛି ଆକ୍ରମଣରେ ୮ଜଣ ଆହତ ହୋଇଛନ୍ତି । ଏହି ରାସ୍ତାରେ ଲୋକମାନେ ଯାତାୟାତ କରୁଥିବା ବେଳେ ଢ଼ଂସର ଗ୍ରାମ୍ ନିକଟ ବୋକା ଶଙ୍ଖ ପାଖରେ ଥିବା ଆମ୍ବ ଗଛରୁ ମହୁ ମାଛି ମାଡ଼ି ଆସି ଲୋକଙ୍କୁ କାମୁଡ଼ି ଥିଲେ । ଅନେକ ପଥଚାରୀ



ଜୀବନ ବିକଳରେ ନିଜକୁ ବଞ୍ଚାଇବା ପାଇଁ ଭୟରେ ଗାଡ଼ି ଛାଡି ଦୌଡ଼ିଥିଲେ । ସେହିପରି ଅନେକ ମହିଳା ଯେଉଁମାନେ ଯାଇ ପାରୁନଥିଲେ, ସେମାନଙ୍କୁ ଆକ୍ରମଣ କରିଥିଲେ । ୮ ଜଣଙ୍କୁ ଆକ୍ରମଣ କରିଥିଲେ । ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ଅନ୍ୟ ୭ଜଣ ଆହତଙ୍କୁ ବାଙ୍କୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆମ୍ବ ଗଛକୁ କେହି ଆମ୍ବ ତୋଳିବା ପାଇଁ ପଥର ଫୋପାଡ଼ିବାରୁ ଏଭଳି ଅଘଟଣ ଘଟିଛି ।

# ଲେବେଲ୍- ୯ ଦରମା ସହ ବୀମା ଦାବି କଲେ ପିଇଓ

ଭୁବନେଶ୍ୱର, ୯।୫(ସମିସ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିଟି ଯୋଜନାକୁ ତୃଣମୂଳ ସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ମାନେ କାର୍ଯ୍ୟାନ୍ୱୟନ କରୁଛନ୍ତି । ଭତ୍ତା ଓ ରାସନ ବଣ୍ଟନଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ, ଅନ୍ତୋଦୟ ଗୃହ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି । ଏପରିକି, ୨୦ରୁ ୨୫ ବିଭାଗର କାମ କରୁଛନ୍ତି । ମାତ୍ର ସେମାନଙ୍କ କାର୍ଯ୍ୟ ଅନୁସାରେ ପାରିଶ୍ରମିକ ମିଳୁନାହିଁ । ନଗଦ ଟଙ୍କା ନେଣଦେଣ କରୁଥିଲେ ମଧ୍ୟ କୌଣସି ସୁରକ୍ଷା ବିମା ପ୍ରଦାନ କରାଯାଇନି । ଯାହା ସେମାନଙ୍କ ଜୀବନକୁ ବିପଦପୂର୍ଣ୍ଣ କରୁଥିବା ଅଭିଯୋଗ କରିବା ସହ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି ।




ଭୁବନେଶ୍ୱରରେ ଆଜି ଅନୁଷ୍ଠିତ ପିଇଓ ମହାସଂଘର ରାଜ୍ୟ ସ୍ତରୀୟ ସମ୍ମିଳନୀ ଅବସରରେ କୁହାଯାଇଛି ଯେ ଭତ୍ତା ବଣ୍ଟନ ପାଇଁ ଲକ୍ଷାଧିକ ନଗଦ ଟଙ୍କା ବ୍ୟାଙ୍କରୁ ନେଇ ଘରକୁ ଘର ବୁଲୁଛନ୍ତି । ଟଙ୍କା ନେଇ ଯିବା ସମୟରେ ତାଙ୍କ ଜୀବନ ପ୍ରତି ବିପଦ ରହୁଛି । ଏପରିକି, କିଛି ସ୍ଥାନରେ ପିଇଓଙ୍କଠାରୁ ଦୁର୍ବୃତ୍ତମାନେ ଟଙ୍କା ଛଡ଼ାଇ ମଧ୍ୟ ନେଇଛନ୍ତି । ଏଣୁ, ସେମାନଙ୍କୁ ବୀମାଭୁକ୍ତ କରିବାକୁ ଦାବି କରିଛନ୍ତି ।

ଅପରପକ୍ଷେ, ପଞ୍ଚାୟତରେ ଗୃହ ନିର୍ମାଣର ତଦରାଖ ଠାରୁ ଭିବି-ଜି-ରାମ-ଜି ଯୋଜନାର କାର୍ଯ୍ୟାନ୍ୱୟନ, ରାସନ୍ ବଣ୍ଟନ ପରି ପ୍ରତିଟି ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି । ପଞ୍ଚାୟତର ସମସ୍ତ କାର୍ଯ୍ୟକୁ ଟିକିନିଖି କରୁଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟ ଅନୁସାରେ ପାରିଶ୍ରମିକ ମିଳୁନାହିଁ । ଏଣୁ ସେମାନଙ୍କୁ ଲେବଲ୍-୯ ଦରମା ପ୍ରଦାନ କରିବାକୁ ସଂଘ ଦାବି କରିଛି । ଏହାସହ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ +୨ ବଦଳରେ ସ୍ନାତକ କରିବା, ପଦୋନ୍ନତି ପ୍ରଦାନ, ଓଡ଼ିଶା ପଞ୍ଚାୟତ ସେବା କ୍ୟାଡର୍‌ରେ ଅନ୍ତର୍ଭୁକ୍ତ କରିବା ଏବଂ ସ୍ୱଳ୍ପ ଦରମା ହୋଇଥିବାରୁ ସ୍ୱାସ୍ଥ୍ୟବୀମା ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ସମ୍ମିଳନୀରେ ରଞ୍ଜିତ ବେହେରା, ବିବେକାନନ୍ଦ କିସାନ, ନରୋତ୍ତମ ଦାସ, ତନ୍ମୟ ନାୟକ, ଦିଲୀପ କୁମାର ସାହୁଙ୍କ ସମେତ ପ୍ରତି ଜିଲ୍ଲାରୁ ପ୍ରତିନିଧିମାନେ ଯୋଗଦେଇଥିଲେ ।



ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତା ରେଡ୍ଡୀ

# ଭୁବନେଶ୍ୱର ଶ୍ୟାମପୁର ଘରଭଙ୍ଗାକୁ ମାନବାଧିକାର କମିସନଙ୍କ ଛାଟ

ଭୁବନେଶ୍ୱର, ୯।୫(ସମିସ): ସୁନ୍ଦରପୁର (ସାମପୁର ମୌଜା)ରେ ହଜାରରୁ ଅଧିକ ଘର ଭାଙ୍ଗିବା ନେଇ ଓଡ଼ିଶା ଜନତା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଗସ୍ତ କରିଥିଲା । ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ଏହି କମିଟି ସରଜମିନି ତଦନ୍ତ କରିବା ସହ ସାମାଜିକ ସଙ୍ଗଠନ ଭୁବନେଶ୍ୱର ଉନ୍ନୟନ ପରିଷଦ ସହଯୋଗରେ ଓଡ଼ିଶା ମାନବାଧିକାର ଆୟୋଗଙ୍କ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଅଭିଯୋଗର ସ୍ୱତଃ ଉଲଂଘନ କେଶ, ଓଡ଼ିଶା ମାନବିକ ଅଧିକାର ଆୟୋଗ ଗ୍ରହଣ କରିବା ସହ ନିର୍ଦ୍ଦେଶ ଜାରି କରିଛନ୍ତି । ଗତ ୪ ତାରିଖ ରେ କେସ୍ ନଂ. ୧୪୯୮/୨୦୨୬ ରେ ପାରିତ ଆଦେଶରେ ଆୟୋଗ କହିଛନ୍ତି ଯେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡ଼ିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପୁଲିସ୍ ସହଯୋଗରେ ବିନା ନୋଟିସ୍ ଜବରଦସ୍ତି ଘର ଭାଙ୍ଗିବା କାର୍ଯ୍ୟ ଗରିବ ଓ ସମ୍ବଳହୀନ ବାସିନ୍ଦାଙ୍କର ଗମ୍ଭୀର ମାନବିକ ଅଧିକାର ଉଲ୍ଲଙ୍ଘନ ଅଟେ । ଆୟୋଗ ବିଡ଼ିଏ ସଚିବ,

■ ଓଜେସି ସଭ୍ୟଙ୍କ ଆଗତ ପିଟିସନରେ ବିଡିଏ, ବିଏମସିକୁ ଭର୍ତ୍ସନା

■ ଭୂଦାନ ଯଜ୍ଞ ସମିତିର ଜମି କେମିତି ନିଜର କହି ବିଡିଏ ଓ ବିଏମସି ଘର ଭାଙ୍ଗିଲେ ?

■ ବିନା ନୋଟିସ୍‌ରେ ବିଡିଏ ଘର ଭାଙ୍ଗିବା ମଧ୍ୟ ଗମ୍ଭୀର ମାନବିକ ଅଧିକାର ଉଲ୍ଲଙ୍ଘନ

ବିଏମ୍‌ସି କମିସନର ଓ ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କୁ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟରେ ଭୂଦାନ ଯଜ୍ଞ ସମିତିର ଜମି କେମିତି ବିଡ଼ିଏ ନିଜର କହିଲା, କେଉଁ ପ୍ରକ୍ରିୟାରେ ଘର ଭଙ୍ଗା ହେଲା ଏବଂ ସିଆଇଡି କ୍ରାଇମ୍ ବ୍ରାଞ୍ଚରେ ଦାଖଲ ହୋଇଥିବା ଅଭିଯୋଗର ସ୍ଥିତି ସମ୍ପର୍କରେ ସ୍ପଷ୍ଟ ବିବରଣୀ ଦେବାକୁ ପଡ଼ିବ । ଆୟୋଗ ଏହି ମାମଲାକୁ ଆସନ୍ତା ୨୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ରଖିଛନ୍ତି । ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ତଥା ଓଡ଼ିଶା ଜନତା କଂଗ୍ରେସର ନେତା ବାସୁଦେବ ଭଟ୍ଟ ଏ ପ୍ରସଙ୍ଗରେ କହିଛନ୍ତି ଯେ ସାମପୁର ମୌଜାର ଗରିବ ବାସିନ୍ଦାମାନେ ବାସହରା ହୋଇ ୪୫ ଡିଗ୍ରୀ ରୁ ଉର୍ଦ୍ଧ୍ୱ ଉତ୍ତାପରେ ରାସ୍ତା ଧାରରେ ରହୁଛନ୍ତି । ମହିଳା, ପିଲା ଓ ବୃଦ୍ଧଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ । ଏହାକୁ ଗୁରୁତ୍ୱର ସହ ବିଚାର କରି ସମସ୍ତଙ୍କୁ ଆଶ୍ରୟ ଦେବାକୁ ବିଡିଏ ଓ ବିଏମସି ନିର୍ଦ୍ଦେଶ ଦେବାପାଇଁ ଅନୁରୋଧ କରାଯାଇଥିଲା । ଓଏଚ୍.ଆର୍.ସି.ଙ୍କ ତ୍ୱରିତ ହସ୍ତକ୍ଷେପକୁ ଆମେ ସ୍ୱାଗତ କରୁଛୁ । ଆମେ ତୁରନ୍ତ ମାନବୀୟ ସହାୟତା, ଯଥାଯୋଗ୍ୟ କ୍ଷତିପୂରଣ ଓ ପୁନର୍ବାସ ଦାବି କରୁଛୁ । ବିନା ନୋଟିସ୍ ଘର ଭାଙ୍ଗିଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି । ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ବରିଷ୍ଠ ନେତା ପ୍ରଦୀପ ପ୍ରଧାନ, ସୋମନାଥ ରାଉତ ଓ ବାସୁଦେବ ଭଟ୍ଟ ପିଟିସନର ଭାବେ ଏହି ମାମଲାଟିକୁ ଆଗତ କରିଥିଲେ । ବଦ୍ରି ନାରାୟଣ ମହାନ୍ତି, ମନୋଜ ଜେନା ପ୍ରମୁଖ ସ୍ଥାନୀୟ ଅଞ୍ଚଳ ଯାଇ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ମାମଲାରେ ସହଯୋଗ କରିଥିଲେ ।

ସକାଳ THE SAKALA



www.sakalaepaper.com

# ନିରାଡ଼ମ୍ବର ଚାପ ଖେଳ: ଫିକା ପଡ଼ିଲା ବ୍ରହ୍ମକ୍ଷେତ୍ର ଚନ୍ଦନ ଯାତ୍ରା

ନିଶ୍ଚିନ୍ତକୋଇଲି, ୯ ।୫(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠରେ ଥିବା ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଚନ୍ଦନଯାତ୍ରା ଚଳିତ ବର୍ଷ ଫିକା ପଡ଼ିଛି। ଏ ବର୍ଷ ଚନ୍ଦନଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇ ନପାରିବାରୁ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଶ୍ରୀ ବଳଦେବଜୀଉଙ୍କ ପରିଚାଳନା କମିଟି ଦାୟିତ୍ୱରେ ଥିବା କାମ ଚଳା ଟ୍ରଷ୍ଟ ବୋର୍ଡ ରହିଥିବାରୁ ଏ ବର୍ଷ ଚନ୍ଦନଯାତ୍ରାରେ କେବଳ ଶ୍ରୀଜୀଉଙ୍କର ପରମ୍ପରା କିଭଳି ରକ୍ଷା କରାଯିବ ସେନେଇ ଟ୍ରଷ୍ଟବୋର୍ଡ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଦୋଳଯାତ୍ରା ପୂର୍ବରୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡ ନାମରେ ବିଭିନ୍ନ ଅଭିଯୋଗ କରିବା ପରେ ଦେବୋତ୍ତର ବିଭାଗ ପକ୍ଷରୁ ଟ୍ରଷ୍ଟବୋର୍ଡ ଭାଙ୍ଗିଦିଆଯାଇ ପୁରୁଣା ବୋର୍ଡକୁ କାମଚଳା ଭାବେ ରଖାଯାଇଛି। ଫଳରେ ଚନ୍ଦନ ମହୋତ୍ସବରେ ଖର୍ଚ୍ଚ ହେବା ପାଇଁ ଆର୍ଥିକ ବ୍ୟବସ୍ଥା ସଠିକ୍ ଭାବେ ହୋଇ ନ ପାରିବାରୁ ଏବର୍ଷ ଚନ୍ଦନଯାତ୍ରା ମହୋତ୍ସବର ଅବସ୍ଥା ଏଭଳି ହୋଇଛି। ଚନ୍ଦନଯାତ୍ରା ପୂର୍ବରୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଶ୍ରୀଜୀଉଙ୍କର କିଛି ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ନିଲାମ ଆକାରରେ ଦିଆଯାଇ ଆର୍ଥିକ ବ୍ୟବସ୍ଥା ହୋଇଥାଏ। ଦେବୋତ୍ତର ବିଭାଗ ପକ୍ଷରୁ ଏହି ନିଲାମ କାର୍ଯ୍ୟ ବନ୍ଦ କରାଯାଇଥିବାରୁ ଆର୍ଥିକ ବ୍ୟବସ୍ଥାରେ ବିଭ୍ରାଟ ହେବା ଯୋଗୁଁ ଚନ୍ଦନ ଯାତ୍ରା ସଠିକ୍ ଭାବେ ହୋଇପାରି ନଥିବା ଦେଖାଯାଇଛି। ଅପରପକ୍ଷରେ, ଚନ୍ଦନଯାତ୍ରାର କିଛି ଦିନ ପୂର୍ବରୁ ମାହାଙ୍ଗା ବିଧାୟକ ବ୍ଲକ କାର୍ଯ୍ୟାଳୟରେ କାମଚଳା ମ୍ୟାନେଜିଂ ଟ୍ରଷ୍ଟି, ଦେବୋତ୍ତର କମିସନର, ତହସିଲଦାର, ବିଡିଓ, ସାଲେପୁର ଆଇଆଇସି, ବ୍ଲକ ଉପାଧ୍ୟକ୍ଷ, ଜିଗ୍ନିପୁର ପଞ୍ଚାୟତର ସମିତିସଭ୍ୟ ଏବଂ ସରପଞ୍ଚ ପ୍ରତିନିଧିଙ୍କୁ ଡକାଇ ବ୍ରହ୍ମକ୍ଷେତ୍ର ଶ୍ରୀଜୀଉଙ୍କର ଚନ୍ଦନଯାତ୍ରା ଓ ଶ୍ରୀଗୁଣ୍ଡିଚାଯାତ୍ରା କିଭଳି ସରସ ସୁନ୍ଦର କରାଯିବ ସେନେଇ ଆଲୋଚନା କରିଥିଲେ। ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ତହସିଲଦାରଙ୍କୁ ଦାୟିତ୍ୱ ମଧ୍ୟ ଦେଇଥିଲେ। ହେଲେ ତହସିଲଦାର ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ

## ଭକ୍ତ ମହଲରେ ଅସନ୍ତୋଷ

ନ ନେବାରୁ ଚନ୍ଦନଯାତ୍ରା ମହୋତ୍ସବ ଚଳିତ ବର୍ଷ ସଠିକ୍ ଢଙ୍ଗରେ ହୋଇ ପାରିଲାନାହିଁ। ରବିବାର ଶ୍ରୀଜୀଉଙ୍କର ଚନ୍ଦନଯାତ୍ରାର ଶେଷ ଦିନ ହୋଇଥିଲା ବେଳେ ଟ୍ରଷ୍ଟବୋର୍ଡ ପକ୍ଷରୁ କେବଳ ପରମ୍ପରା ବଞ୍ଚାଇବା ପାଇଁ ଅତ୍ୟନ୍ତ ନିରାଡ଼ମ୍ବରରେ ପ୍ରଭୁ ମଦନମୋହନ ଚନ୍ଦନ ପୋଖରୀରେ ଚାପ ଖେଳି ଫେରିଯାଉଥିବା ଆଶଙ୍କା ରହିଛି। ବ୍ରହ୍ମକ୍ଷେତ୍ରର ପ୍ରସିଦ୍ଧ ଚନ୍ଦନଯାତ୍ରାକୁ ହଠାତ୍ ଏଭଳି ବନ୍ଦ କରିବା ପଛରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ଭକ୍ତ ମହଲରେ ଦାବି ହୋଇଛି।

# ମଦନମୋହନ ଦେବଙ୍କ ଚନ୍ଦନ ଯାତ୍ରା ଆରମ୍ଭ

ତିଗିରିଆ, ୯ ।୫(ସମିସ): ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତର ଆରାଧ୍ୟ ଶ୍ରୀ ମଦନମୋହନ ଦେବଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆସନ୍ତା ୧୧ ତାରିଖରେ ମାଛବିନ୍ଧା ଯାତ୍ରା ସହ ସମାପନ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ପ୍ରଥମ ସନ୍ଧ୍ୟାରେ ପ୍ରଭୁ ମଦନମୋହନ ଦେବଙ୍କ ବିଗ୍ରହ ହାତୀ ଉପରେ ବସି ପଞ୍ଚାୟତର ସମସ୍ତ ୨୨ଟି ସାହିର ଯାତ୍ରା କମିଟି ପକ୍ଷରୁ ନିର୍ମିତ ଘୋଡା, ହାତୀ, ସିଂହ, ଶତାଧିକ ବହୁରୂପୀ ଓ ସ୍ଥାନୀୟ ଓଡିଶୀ କୀର୍ତ୍ତନ ଦଳଙ୍କ ଗହଣରେ ଶୋଭାଯାତ୍ରାରେ ସାହି ପରିକ୍ରମା କରି ଚନ୍ଦନ ପୋଖରୀକୁ ଚାପ ଖେଳିବା ପାଇଁ ଯାଇଥିଲେ। ଯାତ୍ରା ଉପଲକ୍ଷେ ପଞ୍ଚାୟତର ୨୨ଟି ସାହି ମଧ୍ୟରୁ ୧୮ଟି ସାହିର ଯାତ୍ରା କମିଟି ପକ୍ଷରୁ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯିବା ସହ ଗ୍ରାମର ପ୍ରତ୍ୟେକ ସାହିକୁ ରଙ୍ଗୀନ ଆଲୋକମାଳା ସହ ସୁନ୍ଦର ସୁନ୍ଦର ତୋରଣ ତିଆରି କରାଯାଇଛି। ଯାତ୍ରା ପରିଚାଳନାରେ ଗ୍ରାମ୍ୟ କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ, ସମ୍ପାଦକ ବିଦ୍ୟାଧର ଗୁଇଁ, ସରପଞ୍ଚ ସୋମନାଥ ଦାସ, ମୁରଳୀ ପ୍ରକାଶ କୁମାର ଦାସ, ପ୍ରଦୀପ କୁମାର ବର୍ଦ୍ଧନ, ମହେନ୍ଦ୍ର କୁମାର କୁଣ୍ଡୁଙ୍କ ସମେତ ବିଭିନ୍ନ ସାହିର ଯାତ୍ରା କମିଟିର ସଦସ୍ୟ, ସାହି ବାସିନ୍ଦା ଉପସ୍ଥିତ ରହି ସହଯୋଗ କରୁଛନ୍ତି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।



# ମଧୁସ୍ମିତା ପ୍ରଧାନ କଟକ ଜିଲ୍ଲା ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ

## ● ସ୍ୱାଗତା ପଟ୍ଟନାୟକ ଗ୍ରାମୀଣ ସଭାନେତ୍ରୀ



**କଟକ/ଆଠଗଡ଼, ୯ ।୫(ସମିସ):** ବିଜେପି ଓଡ଼ିଶା ପକ୍ଷରୁ ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲା ପାଇଁ ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି। କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ମଧୁସ୍ମିତା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମଧୁସ୍ମିତା ଜଣେ ପ୍ରକାଶିକା ଓ ବିଜେପିର ସଂଗଠନମୁଖୀ କାର୍ଯ୍ୟକର୍ତ୍ତା ଅଟନ୍ତି। ଛାତ୍ରୀ ଜୀବନରୁ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବିଭିନ୍ନ ଦାୟିତ୍ୱ ସଫଳତାର ସହିତ ତୁଲାଇ ଆସିଛନ୍ତି। ସେ ଇମର୍ତ୍ତି ଦେବୀ ମହାବିଦ୍ୟାଳୟରେ ଦୁଇଥର ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ମଧୁସ୍ମିତା ପ୍ରଧାନ କଟକ ନଗର ବିଜେପିର ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱର୍ଗତା ନୟନା ପ୍ରଧାନଙ୍କ ସୁପୁତ୍ରୀ ତଥା ବରିଷ୍ଠ ବିଜେପି ନେତା ସ୍ୱର୍ଗତ ଚନ୍ଦ୍ରଶେଖର ପାତ୍ରଙ୍କ ବୋହୂ ଅଟନ୍ତି। ମଧୁସ୍ମିତା ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ବିଧାୟକ ଛବି ମଲ୍ଲିକ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ତୁଷାର ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସେହିପରି କଟକ ଜିଲ୍ଲା (ଗ୍ରାମୀଣ) ମହିଳା ମୋର୍ଚ୍ଚା ସଭାନେତ୍ରୀ ରୂପେ ସ୍ୱାଗତା ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଶ୍ରୀମତୀ ପଟ୍ଟନାୟକ ଏହା ପୂର୍ବରୁ ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ସଦସ୍ୟା ଥିଲେ। ଏହି ନୂତନ ନିଯୁକ୍ତି ନେଇ ଶ୍ରୀମତୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ଓ କଟକ ଜିଲ୍ଲା (ଗ୍ରାମୀଣ) ବିଜେପି ସଭାପତି ରାମନାରାୟଣ ମହାନ୍ତିଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଇତିହାସ ସମ୍ମାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୯ ।୫(ସମିସ):** ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ +୩ ଶେଷ ବର୍ଷ ଇତିହାସ ବିଭାଗ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ସୁପ୍ରଭା ପରିଡ଼ାଙ୍କ ସଭାପତିତ୍ୱ ଏବଂ ବିଭାଗୀୟ ମୁଖ୍ୟ ପ୍ରଫେସର ରଜନୀକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ମନମୋହନ ଖଟୁଆ, ପ୍ରଫେସର ରଞ୍ଜନ କୁମାର ସେଠୀ, ଅଧ୍ୟାପିକା ଡ. କବିତା ଷଡଙ୍ଗୀ ଯୋଗ ଦେଇଥିଲେ। ଅଧ୍ୟାପକ ବିଶ୍ୱଜିତ୍ ମଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଲଗ୍ନା, ସୋନାଲୀ, ଶୁଭଲକ୍ଷ୍ମୀ, ଲିନା, ଜୟଶ୍ରୀ, ଲକ୍ଷ୍ମୀ, ହରପ୍ରିୟା, ସମରୀନ୍, ଲକି, ଅର୍ପିତା ପରିଚାଳନା କରିଥିଲା ବେଳେ ଅଧ୍ୟାପିକା ଦିବ୍ୟାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ପରଲୋକ



**ଭଦ୍ରେଶ୍ୱର, ୯ ।୫(ସମିସ):** ମାହାଙ୍ଗା ବ୍ଲକ ପଲ୍ଲିସାହି ଗ୍ରାମପଞ୍ଚାୟତ ଗୋପାଳପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଓ ପରିବେଶବିତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚିତରଞ୍ଜନ ରାଉତ (୭୩)ଙ୍କର ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଖଦୋଳ ହନୁମାନ ଛକଠାରୁ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପଲ୍ଲିସାହି ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପାଳପୁର ମଧୁବାବୁ ସ୍ମୃତିପୀଠକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ପୁତ୍ର ରଶ୍ମିରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ଅଧ୍ୟାପକ ବିବେକାନନ୍ଦ ସିଂ, ଡ. ଜୟରାମ ସ୍ୱାଇଁ, ସାମ୍ବାଦିକ ଧନେଶ୍ୱର ସେଠୀ, ବଲ୍ଲଭ ଚରଣ ପଲେଇ, ଅଖିଳେଶପଦ ମହାନ୍ତି, ମାହାଙ୍ଗା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ସରୋଜବନ୍ଧୁ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

# ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ମହୋତ୍ସବ



**ବଡମ୍ବା, ୯ ।୫ (ସମିସ):** ବଡମ୍ବାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୩୪ତମ ବାର୍ଷିକ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ନରସିଂହପୁର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରହ୍ମାକୁମାରୀ ଅନୁପମା ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବଡମ୍ବା ଶାଖାର ମୁଖ୍ୟ ବ୍ରହ୍ମାକୁମାରୀ ପୁଷ୍ପ ଭଉଣୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପିକା ଡ ପୁଷ୍ପଲତା ପାଣିଗ୍ରାହୀ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାଣ ଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ବିଶିଷ୍ଟ ଅତିଥି ଭାବେ ପ୍ରାଣ ଯୋଗ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ନୂଆପାଟଣା କଲେଜର ଅଧ୍ୟକ୍ଷ ଡ. ଜଗବନ୍ଧୁ ଦାସ ଯୋଗ ଦେଇଥିଲେ। ବ୍ରହ୍ମ କୁମାର ଅତୁଲ ଭାଇ ସଭା ସଂଯୋଜନା କରିଥିଲେ। ବ୍ରହ୍ମାକୁମାରୀ ସୁବାସିନୀ, ରତ୍ନ, ରଶ୍ମି, ଚିନ୍ମୟୀ, ସ୍ୱର୍ଣ୍ଣଲତା, ସୋନାଲି ବ୍ରହ୍ମାକୁମାର ବିଦ୍ୟାଧର, ବାଲୁଙ୍କେଶ୍ୱର, ଜିତ, ଲକ୍ଷ୍ମୀପ୍ରିୟା ପ୍ରମୁଖ ସହଯୋଗ କରିଥିଲେ। ବ୍ରହ୍ମାକୁମାର ପ୍ରବୋଧ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଦ୍ଧଗିରି ଆଶ୍ରମରେ ଆଧ୍ୟାତ୍ମିକ ସମ୍ମିଳନୀ



**ଟାଙ୍ଗୀ, ୯ ।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥ ସିଦ୍ଧଗିରି ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆଶ୍ରମ ପରିସରରେ ଆଧ୍ୟାତ୍ମିକ ସମ୍ମିଳନୀ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ମହନ୍ତ ବାବାଜୀ ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ କଲେଜ ଅଫ ନର୍ସିଂର ଅଧ୍ୟକ୍ଷ ପଦ୍ମଜା ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ଆଇଏଏସ୍ ରତ୍ନାକର ରାଉତ, ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ବେହେରା, ସମ୍ପାଦକ ପ୍ରମୋଦ ଜେନା, ସୂର୍ଯ୍ୟକାନ୍ତ ନାୟକ, ସମୀର ପଣ୍ଡା, ଉପଦେଷ୍ଟା ଶୁଭେନ୍ଦୁ ଷଡ଼ଙ୍ଗୀ, ସଞ୍ଜୀବ ସ୍ୱାଇଁ, ସଫା ସରପଞ୍ଚ ନିବାସ ପାଣ୍ଡବ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ରାୟ, ପ୍ରସନ୍ନ ପାତ୍ର, ରବୀନ୍ଦ୍ର ସାହୁ ଯୋଗଦେଇଥିଲେ। ଶାଳଗାଁ ପ୍ରାକ୍ତନ ସରପଞ୍ଚ ପ୍ରବୀର ଦାଶ ସ୍ୱାଗତ ଭାଷଣ ଦେଇଥିଲାବେଳେ ମଣ୍ଡଳ ସଭାପତି ରବୀନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ବ୍ଲକ ମାଟ୍ରିକ ଟପରଙ୍କୁ ସମ୍ବର୍ଦ୍ଧନା

**ମାହାଙ୍ଗା, ୯ ।୫(ସମିସ):** ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ବ୍ଲକସ୍ତରୀୟ ଟପର ଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ହଳଦିଆ ପଞ୍ଚାୟତସ୍ଥିତ ଓଳକଣା ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ପୁତ୍ର ଜନ୍ମେଜୟ ମହାନ୍ତି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୮୩ ନମ୍ବର ରଖି ମାହାଙ୍ଗା ବ୍ଲକରେ ଟପର ହେବା ସହ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମାହାଙ୍ଗା ମାଟିରେ ଜନ୍ମ ଗ୍ରହଣ କରି ମାଟିକୁ ଗୌରାବନ୍ୱିତ କରିଥିବାରୁ ବନ୍ଧନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସମାଜସେବୀ ତାପସ ପତି, ସମ୍ପାଦିକା ଭାଗ୍ୟଲକ୍ଷ୍ମୀ ଜେନା, ଅମରେନ୍ଦ୍ର ଜେନା, ଜନ୍ମେଜୟଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।



# ଅଚାନକ ଡାକ୍ତର ବଦଳି ନେଇ ଅସନ୍ତୋଷ

**କିଶନନଗର, ୯ ।୫(ସମିସ):** କଟକ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବଞ୍ଜୁ ମାରାଣ୍ଡିଙ୍କ ଅଚାନକ ବଦଳିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉତ୍ତମ ବ୍ୟବହାର ଓ ନିରବଚ୍ଛିନ୍ନ ରୋଗୀସେବା ପାଇଁ ଡାକ୍ତର ମାରାଣ୍ଡି ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କୁ ତରବରିଆ ଭାବେ ହାଇକୋର୍ଟ ଡିସପେନ୍ସାରୀକୁ ବଦଳି କରିଦିଆଯାଇଥିଲା ବେଳେ ତାଙ୍କ ସ୍ଥାନରେ ଏଠାକୁ କେହି ଡାକ୍ତର ଆସିନଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ରୋଗୀଙ୍କ ହିତ ଦୃଷ୍ଟିରୁ ତାଙ୍କ ବଦଳିର ପୁନର୍ବିଚାର କରିବାକୁ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ନିକଟରେ ଦାବି ହୋଇଛି।



## ● ବିଜେଡି ଜିଲ୍ଲା କମିଟିରୁ ବାଦ୍ ପଡ଼ିଲେ ବାଙ୍କୀ ନିର୍ବାଚନମଣ୍ଡଳୀ ପଦାଧିକାରୀ

# ବ୍ଲକ୍ ଓ ଏନ୍ଏସି କମିଟି ଭଙ୍ଗାଗଲା: ବିଜେଡି

**କଟକ, ୯ ।୫(ସମିସ):** କଟକ ଜିଲ୍ଲା ବାଙ୍କୀ ନିର୍ବାଚନମଣ୍ଡଳୀରୁ ଜିଲ୍ଲା ବିଜେଡିକୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ଜିଲ୍ଲା ପଦାଧିକାରୀଙ୍କୁ ଜିଲ୍ଲା କମିଟିରୁ ବାଦ୍ ଦିଆଯାଇଛି। ଏଥିସହ ବ୍ଲକ ଓ ଏନ୍ଏସି କମିଟିଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଖୁବଶୀଘ୍ର ନୂତନ ଜିଲ୍ଲା କର୍ମକର୍ତ୍ତା, ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓ ଏନ୍ଏସି କମିଟିଗୁଡ଼ିକୁ ପୁନର୍ଗଠନ କରାଯିବ ବୋଲି କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ସିଂହ ସୂଚନା ଦେଇଛନ୍ତି।

## ● ବେଆଇନ ଗୋ-ଚାଲାଣ

# ୩ ବ୍ୟବସାୟୀ ଗିରଫ, ୨ ଗାଡ଼ି ଜବତ

**ଆଠଗଡ଼, ୯ ।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ଚାଲିଥିବା ବେଳେ ବେଣ୍ଟପଦା ଗ୍ରାମରୁ ବେଆଇନ ଗୋରୁ ଚାଲାଣ ହେଉଥିବା ସୂଚନା ପାଇ ଆଠଗଡ଼ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୫ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ଗୋ-ଚାଲାଣ ପାଇଁ ବ୍ୟବହୃତ ପିକ୍ଅପ ଭ୍ୟାନ ଓଡି-୦୫ ସିଇ୧୯୧୩ ଓ ପାଇଲଟିଂ ପାଇଁ ବ୍ୟବହୃତ ଓଡି-୦୫-ବିୟୁ୨୮୪୬ କାର୍‌କୁ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଆଠଗଡ଼ ଥାନାରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ କଟକ ଦରଘାବଜାର ଥାନା କଦମ ରସୁଲ ଅଞ୍ଚଳର ସହନୱଜ୍ ଖାନ (୩୦), କଟକ ଲାଲବାଗ ଥାନା ସୂତାହାଟ ଅଞ୍ଚଳର ସେକ୍ ସବିର୍ (୩୨) ଓ ଆଠଗଡ଼ ଥାନା ବେଣ୍ଟପଦା ଗ୍ରାମର ଗୋପାଳ ରାଉତ (୪୦)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉଦ୍ଧାର ୩ଟି ଗାଈକୁ ସେହି ବେଣ୍ଟପଦା ଗ୍ରାମର ଶ୍ରୀକାନ୍ତ ବେହେରାଙ୍କୁ ଜିମା ଦିଆଯାଇଥିବା ବେଳେ ଅବଶିଷ୍ଟ ୨ଟିଙ୍କୁ ଚୌଦ୍ୱାର ଥାନା ମଙ୍ଗରାଜପୁରସ୍ଥିତ ନନ୍ଦଗ୍ରାମ ବୃଦ୍ଧ ଗୋ-ସେବା ଆଶ୍ରମ ଛାଡି ଦିଆଯାଇଥିବା ଆଠଗଡ଼ ଥାନା ଆଇଆଇସି ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି।

# ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ରାଜ୍ୟ ସମ୍ମିଳନୀ



**ନେମାଳ, ୯।୫(ସମିସ):** ନେମାଳ ପଦ୍ମବନଠାରେ ଉତ୍କଳୀୟ ଗୋପାଳ ବୈଷ୍ଣବ ସାମଜର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦଘାଟତ ହୋଇଯାଇଛି। କଟକ ଜିଲ୍ଲା ସଭାପତି କ୍ଷମାନିଧି ପୂଝାରୀଙ୍କ ସଭାପତିତ୍ୱରେ ରାଜ୍ୟ ସଭାପତି ଧ୍ରୁବଚରଣ ଦାସ ମୁଖ୍ୟଅତିଥି, ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାସ, ଉପସଭାପତି ପ୍ରଫୁଲଚନ୍ଦ୍ର ଦାସ, ସମାଜସେବୀ ସୁବାସଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ବୈଷ୍ଣବ ତିଳକ' ଉନ୍ମୋଚିତ ହୋଇଥିଲା। ବାବା ସତ୍ୟାନନ୍ଦ ଦାସକୁ ଚଳିତ ବର୍ଷ ବୈଷ୍ଣବ ତିଳକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନେମାଳ ଥାନା ଆଇଆଇସି ଜ୍ୟୋତିରଞ୍ଜନ ମହାପାତ୍ର, ସାମ୍ବାଦିକ ମନୋଜ ଆଚାର୍ଯ୍ୟ, ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାସ, ରମେଶଚନ୍ଦ୍ର ଦାସ, ହରେକୃଷ୍ଣ ପୂଝାରୀ, କରୁଣାକର ପୂଝାରୀ ପ୍ରମୁଖ ଯୋଗଦାନ କରିଥିଲେ। ସ୍ୱନ୍ଦନ ପୂଝାରୀ, ମୃତ୍ୟୁଞ୍ଜୟ ଦାସ, ନିମାଇଁ ଚରଣ ଦାସ, ସନ୍ତୋଷ ଦାସ, ନିରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ସଚି ଦାସ, ଶଶିଭୂଷଣ ଦାସ, କାମଦେବ ଦାସ, ବିଜୟ ଦାସ, ବିଶୁଦ୍ଧ ଦାସ, ଗଣେଶ୍ୱର ଦାସ, ଜଟାଧାରୀ ଦାସ, ହରେକୃଷ୍ଣ ଦାସ, ତିରୋଧାନ ଦାସ, ସନ୍ତୋଷ ଦାସ, କଳ୍ପତରୁ ଦାସ, ରବୀନ୍ଦ୍ର ଦାସ, ଶାନ୍ତନୁ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ପଞ୍ଚାୟତିରାଜ ସଚିବ



**ଆଠଗଡ଼, ୯ ।୫(ସମିସ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ଗିରୀଶ ଏସଏନ ଶନିବାର ଆଠଗଡ଼ ଗସ୍ତ କରି ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସଚିବଙ୍କ ସହିତ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଆଠଗଡ଼ର କନ୍ଦରପୁରଠାରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପର ବିଶୋଧନାଗାର ଓ ଇନଟେକ ୱେଲ୍ କାର୍ଯ୍ୟସ୍ଥଳିକୁ ଯାଇ ତଦାରଖ କରିଥିଲେ। ପ୍ରକଳ୍ପ କାର୍ଯ୍ୟ କାହିଁକି ବିଳମ୍ବିତ ହେଉଛି ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ଏ ସମ୍ପର୍କରେ ଶାସନ ସଚିବ କାର୍ଯ୍ୟ କରୁଥିବା ଠିକାସଂସ୍ଥା କଳ୍ପତରୁ ପ୍ରୋଜେକ୍ଟ ଇଣ୍ଟରନ୍ୟାସନାଲ ଲିମିଟେଡର ପ୍ରକଳ୍ପ ପରିଚଳକଙ୍କୁ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ ଯେ ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା ଆଠଗଡ଼, ତିଗିରିଆ, ଟାଙ୍ଗୀ-ଚୌଦ୍ୱାର ଓ ବାଙ୍କୀ ବ୍ଲକର ମୋଟ ୫୬ଟି ପଞ୍ଚାୟତ ଅଧୀନ ୨୬୨ଟି ଗ୍ରାମର ପ୍ରତ୍ୟେକ ଘରକୁ ନଳ ଯୋଗେ ଜଳଯୋଗାଣ ହେବାର ଯୋଜନା ରହିଛି। ଏହି ପ୍ରକଳ୍ପ ୨୦୨୧ ଅଗଷ୍ଟରେ ଆରମ୍ଭ ହୋଇଥିବା ବେଳେ ଏହା ଦୁଇବର୍ଷ ମଧ୍ୟରେ ଶେଷ ହେବା କଥା; କିନ୍ତୁ ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଚାଲିଛି। ଏବେ କନ୍ଦରପୁରଠାରେ ବିଶୋଧନାଗାର ଓ ମହାନଦୀରେ ଇନଟେକ ୱେଲ୍ ନିର୍ମାଣ କାମ ୯୦ ପ୍ରତିଶତ ଶେଷ ହୋଇଛି। ରାସ୍ତା କଡରେ ମୁଖ୍ୟ ଜଳଯୋଗାଣ ପାଇପ ବିଛାଇବା କାମ ପ୍ରାୟତଃ ୯୫ ପ୍ରତିଶତ ସରିଥିବା ବେଳେ ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଓ ରେଳବାଇର ଅନୁମତି ମିଳୁନଥିବାରୁ ୬କିମି ମୁଖ୍ୟ ପାଇପ ବିଛାଇବା କାମ ଅଟକିଛି। ସେହିପରି ବିଦ୍ୟୁତ ସଂଯୋଗ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇନଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଓ ରେଳବାଇ କର୍ତ୍ତୃପକ୍ଷଙ୍କ ଠାରୁ କିପରି ଯଥାଶୀଘ୍ର ଅନୁମତି ମିଳିବ ସେ ଦିଗରେ ପଦକ୍ଷେପ ନେବାକୁ ଶାସନ ସଚିବ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଜୁନ ୧୫ ପୂର୍ବରୁ ପ୍ରକଳ୍ପର ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଶେଷ କରି ପରୀକ୍ଷାମୂଳକ ଭାବେ ଜଳଯୋଗାଣ ଆରମ୍ଭ କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ମେଗା ପାନୀୟଜଳ ପ୍ରକଳ୍ପରୁ ପ୍ରତ୍ୟେକ ଗ୍ରାମ ଓ ଘରକୁ ପାନୀୟଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଶାସନ ସଚିବ ପ୍ରକାଶ କରିଥିଲେ। ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ବିଡିଓ ଆକାଶ କୁମାର ପଣ୍ଡା ଓ ବ୍ଲକର ଯନ୍ତ୍ରୀମାନେ ଉପସ୍ଥିତ ଥିବାବେଳେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ

ତିଗିରିଆ, ୯ ।୫(ସମିସ)



ତିଗିରିଆ ଜେଏମଏଫସି କୋର୍ଟ ପରିସରରେ ଶନିବାର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ତିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଉଦଘାଟନ କରି ପରିଚାଳନା କରିଥିଲେ। ୧୦ଟି ଫୌଜଦାରୀ ମାମଲାରୁ ମାମଲାରୁ ୬ଟି ମାମଲାର ଫଇସଲା ହୋଇଛି। ତିଗିରିଆ ଓକିଲ ସଂଘର ସଭାପତି ପ୍ରଶାନ୍ତ ପଟ୍ଟନାୟକ, ସମ୍ପାଦକ ତନ୍ମୟ ମିଶ୍ର, ବରିଷ୍ଠ ଆଇନୀଜୀବୀ ବିକ୍ରମ କେଶରୀ ଦାଶ, ରମେଶଚନ୍ଦ୍ର ମାଝି, ସରୋଜ ସାହୁ, ସୁବାସଚନ୍ଦ୍ର ସାହୁ, ଆଶୁତୋଷ ମିଶ୍ର, ରଞ୍ଜନ ମହାରଣା, ଶାନ୍ତନୁ ଦାଶ, ସୁଚିତ୍ର ସାହୁ, ସୁରେଶଚନ୍ଦ୍ର ସାହୁ, ବରଦା ଶଙ୍କର ଦାଶ ଏବଂ ତିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଆଠଗଡ଼:** ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ତଥା ଆଠଗଡ଼ର ଅତିରିକ୍ତ ଜିଲ୍ଲା ଦୌରାଜଜ ରାଜକୁମାର ଦାସ ଶିବିର ଉଦଘାଟନ କରିବା ସହ ଦୁଇଟି ମୋଟର ଯାନ ଦୁର୍ଘଟଣା ଜନିତ ଘଟଣାର ବିଚାର କରି ୧୫ ଲକ୍ଷ ୭୦ ହଜାର ଟଙ୍କା ଜରିମାନା ଆଦାୟ, ସିଭିଲ ଜଜ (ସିନିୟର ଡିଭିଜନ) ବବିତା ଦାସ ୨ଟି ବୈବାହିକ ଓ ୩ଟି ଦେୱାନୀ ମାମଲାର ବିଚାର କରିଥିଲେ। ଏସଡିଜେଏମ ନରୋଜ କୁମାର ସାହୁ ୫୧ ଟି ଫୌଜଦାରୀ ମାମଲାର ବିଚାର କରିଥିଲେ। ଜେଏମଏଫସି ସ୍ଥିତପ୍ରଜ୍ଞା ଅମୃତତନୟା ୪ଟି ମାମଲାର ବିଚାର କରିଥିଲେ। ସେହିପରି ଉପଜିଲ୍ଲାପାଳ, ତହସିଲଦାର ପରିଚାଳନା କରିଥିଲେ। ତାଲୁକ ଆଇନସେବା କମିଟିର ସହାୟିକା ରାଜଶ୍ରୀ ମାହଲା ପରିଚାଳନାରେ ସହଯୋଗ କରିଥିଲେ।

**ନରସିଂହପୁର:** ନରସିଂହପୁର ଅଦାଲତ ପରିସରରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନି ବିଚାରପତି ଡ଼. ନିହାର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଦାଲତରେ ୬୫ଟି ମାମଲା ମଧ୍ୟରୁ ଦୁଇଟି ଫଇସଲା କରାଯାଇଥିଲା। ସେହିପରି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସତ୍ୟନାରାୟଣ ଦାଶଙ୍କ ଅଦାଲତରେ ୮ଟି ଫୌଜଦାରୀ ଓ ଅନ୍ୟାନ୍ୟ ମାମଲା ବିଚାରକରି ଫଇସଲା କରିଥିଲେ। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ପାତ୍ର, ପ୍ରଫୁଲ ପଣ୍ଡା, ସରୋଜ ସାହୁ, ବୀରକେଶରୀ ଦେହୁରୀ, ଅଶୋକ ଶତପଥୀ, ପ୍ରକାଶ ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ଉମାକାନ୍ତ ପାଣିଗ୍ରାହୀ, ଜ୍ଞାନରଞ୍ଜନ ନାୟକ, ପ୍ରକାଶ ପ୍ରଧାନ, ଅଞ୍ଜନ ପ୍ରସାଦ ପଣ୍ଡା, ଜୟନ୍ତ ପଣ୍ଡା, ସମୀର ଦଳେଇ, ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ। ବ୍ୟାଙ୍କର ସମସ୍ତ ବ୍ୟାଙ୍କର କର୍ମକର୍ତ୍ତା ଓ ଅଦାଲତର କର୍ମକର୍ତ୍ତା ସହଯୋଗ କରିଥିଲେ।

ସକାଳ THE SAKALA



ରଥଖଳାରୁ...

# ଡେରା ହେଲା ଚକ ଅଖ



ପୁରୀ, ୯।୫(ସମିସ): ଶନିବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ । ପରମ୍ପରା ଅନୁଯାୟୀ ଏହି ପବିତ୍ର ତିଥିରେ ରଥଖଳାରେ ତିନୋଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି । ପ୍ରଥମେ ୩ଟି ଅଖ ଏବଂ ୬ଟି ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା । ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଏବଂ ଅଖକୁ ସ୍ନାନ କରାଯାଇଥିଲା । ୬ଟି ଚକ ପଦ୍ଧାରୀରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡ଼େଇଥିଲେ । ସେପଟେ, ଶ୍ରୀମନ୍ଦିରରେ ପୂର୍ବାହ୍ନ ୧୧ଟା ୪୫ରେ ସକାଳ ଧୂପ ଶେଷ ହୋଇଥିଲା । ଏହାପରେ ମଧ୍ୟାହ୍ନ ୧୨ଟା ୨୫ରେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଛତି, ତରାଶ, କାହାଳୀ ସହ ପଟୁଆରରେ ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳା ଅଭିମୁଖେ ବାହାରିଥିଲେ ।

ମଧ୍ୟାହ୍ନ ୧୨ଟା ୩୫ରେ ଆଜ୍ଞାମାଳ ରଥଖଳା ନିକଟରେ ପହଞ୍ଚିଥିଲା । ପ୍ରଥମେ ଆଜ୍ଞାମାଳ ଶ୍ରୀନଅର ସମ୍ମୁଖରେ ଆଜ୍ଞାମାଳ ଧରି ଅପେକ୍ଷା କରିଥିଲେ ପୂଜାପଣ୍ଡା ସାମନ୍ତ । ପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ଚକ ସହ ଅଖ ସଂଯୋଗ କରି ଡେରିଥିଲେ । ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକଡେରା ସମ୍ପନ୍ନ ହୋଇଥିଲା । ରଥ ନିର୍ମାଣକାରୀ ସେବକଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଚକଡେରା କାର୍ଯ୍ୟ ସମ୍ପନ୍ନ ହେବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ଡେରା ଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ । ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ଦିଆଯାଇଥିଲା । ଏହାପରେ ଦର୍ପଦଳନ ରଥ ଏବଂ ଶେଷରେ ନନ୍ଦିଘୋଷ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା । ଆଜ୍ଞାମାଳ ପ୍ରଦାନ ପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢ଼ି ରଥଖଳା ସମ୍ମୁଖରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ । ତିନୋଟି ଯାକ ଆଜ୍ଞାମାଳ ମା' ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା । ଏହାପରେ ମହାରଣାମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ ।

## ଆଗପଛ ହୋଇ ଆରପାରିକୁ ଚାଲିଗଲେ ଦମ୍ପତି




ରାଜକନିକା, ୯।୫(ସମିସ): ଆଗପଛ ହୋଇ ୧୫ଦିନ ମଧ୍ୟରେ ଆରପାରିକୁ ଚାଲିଗଲେ ଦମ୍ପତି । ଏଭଳି ଏକ ଦୁଃଖଦ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ଗୋପାଳପୁର ଗ୍ରାମରେ । ଗ୍ରାମର ଆଦର୍ଶ ଶିକ୍ଷକ ବଟକୃଷ୍ଣ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା ନାୟକଙ୍କ ୧୫ଦିନ ତଳେ ମୃତ୍ୟୁ ହୋଇଥିବା ବେଳେ ବଟକୃଷ୍ଣଙ୍କ ଗତ ରାତିରେ ପରଲୋକ ହୋଇଯାଇଛି । ଦମ୍ପତିଙ୍କ ଏଭଳି ଅକସ୍ମାତ୍ ବିୟୋଗକୁ ନେଇ ସମଗ୍ର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ଉଭୟଙ୍କ ଭଲ ପାଇବା ଏତେ ଗଭୀର ଓ ଅତୁଟ ଥିଲା ଯେ ଶାନ୍ତିଲତାଙ୍କ ବିୟୋଗ ଦୁଃଖ ବଟକୃଷ୍ଣଙ୍କ ପକ୍ଷେ ଅସହ୍ୟ ଥିଲା । ତାଙ୍କୁ ଝୁରିଝୁରି ସେ ବି ଆରପାରିକୁ ଚାଲିଗଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି । ଗତକାଲି ରାତିରେ ବଟକୃଷ୍ଣ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

ମୃତକଙ୍କ ଧର୍ମକୁ ନେଇ ପୁଅ-ଭଣଜା ଟଣାଓଟରା

# ସ୍ୱର୍ଗଦ୍ୱାରରେ ପଡ଼ି ରହିଛି ଶବ

ପୁରୀ, ୯।୫ (ସମିସ): ସ୍ୱର୍ଗଦ୍ୱାରରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପୁଅ ଓ ଭଣଜା ମଧ୍ୟରେ ଟଣାଓଟରା ଯୋଗୁଁ ଶବ ସଂସ୍କାର ନ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ପଡ଼ି ରହିଛି ।

ପୂରା ଘଟଣା ଏମିତି; ପୁରୀ ରାମଚଣ୍ଡୀ ସାହିର ଆଲ୍‌ଫ୍ରେଡ୍ ସାହୁଙ୍କର ଶନିବାର ପରଲୋକ ହୋଇଛି । ଶେଷକୃତ୍ୟ ପାଇଁ ତାଙ୍କୁ ଅପରାହ୍ନରେ ସ୍ୱର୍ଗଦ୍ୱାର ଅଣାଯାଇଥିଲା । ହେଲେ ସ୍ୱର୍ଗଦ୍ୱାର ଫାଟକ ସମ୍ମୁଖରେ ମୃତଦେହ ଆଣି ଆସିଥିବା ପରିଜନଙ୍କ ମଧ୍ୟରେ ବିବାଦ ଉପୁଜିଥିଲା । କିଛି ଲୋକ ମୃତକ ଖ୍ରୀଷ୍ଟିୟାନ ହୋଇଥିବାରୁ ତାଙ୍କୁ ସ୍ୱର୍ଗଦ୍ୱାରରେ ଦାହ କରାଯାଇପାରିବ ନାହିଁ ବୋଲି କହିଥିଲେ । କିନ୍ତୁ, ମୃତକଙ୍କ ପୁଅ ଏହାକୁ ବାରଣ କରିଥିଲେ । ସେମାନେ ହିନ୍ଦୁ । ତେଣୁ ତାଙ୍କ ବାପାଙ୍କ ଶବ ସ୍ୱର୍ଗଦ୍ୱାରରେ ଦାହ କରାଯିବ ବୋଲି ଅଡ଼ି ବସିଥିଲେ । ଫଳରେ ସ୍ୱର୍ଗଦ୍ୱାର ଫାଟକ ଆଗରେ ଧର୍ମୀୟ ପରିଚୟକୁ ନେଇ ଟଣାଓଟରା ଲାଗି ରହିଥିଲା ।

ପୁଅ କହୁଛନ୍ତି ବାପା ହିନ୍ଦୁ । ତେଣୁ ହିନ୍ଦୁ ରୀତିନୀତି ଅନୁସାରେ ସ୍ୱର୍ଗଦ୍ୱାରେ ଶବଦାହ ହେବ । ଅନ୍ୟପକ୍ଷେ ଭଣଜା କହୁଛନ୍ତି ମାମୁ ଖ୍ରୀଷ୍ଟିୟାନ । ତେଣୁ ଖ୍ରୀଷ୍ଟିୟାନ ରୀତିରେ ମୃତଦେହକୁ କବର ଦିଆଯିବ ।

ଏଭଳି ଟଣାଘୋଷରା ଭିତରେ ଭଣଜା ସ୍ୱର୍ଗଦ୍ୱାରେ ଶବଦାହ ରଦ୍ଦ କରିବା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ସମ୍ପାଦକ ଅର୍ଥାତ୍ ଉପଜିଲ୍ଲାପାଳଙ୍କୁ ଲିଖିତ ଦରଖାସ୍ତ ଦେଇଛନ୍ତି । ସେ ଦର୍ଶାଇଛନ୍ତି ଯେ ତାଙ୍କ ମାମୁ ଖ୍ରୀଷ୍ଟିୟାନ । ତାଙ୍କ ପରମ୍ପରାରେ କବର ଦିଆଯିବା କଥା । କିନ୍ତୁ କିଛି ଲୋକ ଶବଦାହ କରିବା ଲାଗି ସ୍ୱର୍ଗଦ୍ୱାର ଆଣିଛନ୍ତି । ଏଥିସହ ସେ ଏହି ଦରଖାସ୍ତ ସହ ମୃତବ୍ୟକ୍ତିଙ୍କ ଘର ପଟ୍ଟା(କାଗଜପତ୍ର) ସଂଯୋଗ କରିଦେଇଛନ୍ତି । ଯେଉଁଥିରେ ସେ



ଖ୍ରୀଷ୍ଟିୟାନ ବୋଲି ଉଲ୍ଲେଖ ରହିଛି । ହେଲେ ତାଙ୍କ ପୁଅ କିନ୍ତୁ ଏହାକୁ ବିରୋଧ କରୁଛନ୍ତି । ସେମାନେ ହିନ୍ଦୁ । ତେଣୁ ସ୍ୱର୍ଗଦ୍ୱାରରେ ଦାହ କରିବାକୁ ଅଡ଼ି ବସିଛନ୍ତି । ଫଳରେ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଏନେଇ ସମୁଦ୍ରକୂଳ ଥାନା ପୁଲିସକୁ ଅବଗତ କରାଯାଇଥିଲା । ପୁଲିସ ପହଞ୍ଚିଥିଲେ ମଧ୍ୟ ଏହା ଏକ ଧର୍ମୀୟ ପରିଚୟ ବିବାଦ ହୋଇଥିବାରୁ ସେମାନେ ମଧ୍ୟ ସେଭଳି କୌଣସି ପଦକ୍ଷେପ ନେଇପାରିନାହାନ୍ତି । ରିପୋର୍ଟ ଲେଖାଯିବା ବେଳକୁ ରାତି ୧୦ଟା ସୁଦ୍ଧା ସ୍ୱର୍ଗଦ୍ୱାର ସମ୍ମୁଖରେ ମୃତଦେହ ସେମିତି ରହିଥିଲା ।

ସ୍ୱର୍ଗଦ୍ୱାର ସେବା ସମିତିର କହିବା କଥା, ମୃତକଙ୍କ ଧର୍ମୀୟ ପରିଚୟ ନେଇ ପରିବାର ଭିତରେ ବିବାଦ ଥିବାରୁ କୌଣସି ନିଷ୍ପତ୍ତି ବିନା ଶବଦାହ କରାଯାଇପାରିବ ନାହିଁ । ପୁଲିସ୍ ଘଟଣାସ୍ଥଳରେ ମୁତୟନ ରହି ପରିସ୍ଥିତି ଉପରେ ନଜର ରଖିଛି । ସମୁଦ୍ର କୂଳ ଥାନା ଆଇଆଇସି ମାନସ ଚକ୍ର କହିଛନ୍ତି, ଏଥିରେ ଆମର କିଛି ନାହିଁ । ତାଙ୍କର କାଗଜପତ୍ରରେ ଖ୍ରୀଷ୍ଟିୟାନ ବୋଲି ଉଲ୍ଲେଖ ରହିଛି । ତେଣୁ, ପ୍ରଶାସନ ଯାହା ନିଷ୍ପତ୍ତି ନେବ ତାହାକୁ ଆମେ ପାଳନ କରିବୁ ।

ଅବସରର ୧୫ବର୍ଷ ପରେ ମିଳୁନି ପେନସନ୍

# ଉଦ୍‌ବେଗ ପ୍ରକାଶ କଲେ ହାଇକୋର୍ଟ

କଟକ, ୯।୫(ସମିସ): ୧୫ବର୍ଷ ପୂର୍ବରୁ ଅବସର ଗ୍ରହଣ କରିଥିବା ଜଣେ ପୌର କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳି ନଥିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ବ୍ୟକ୍ତି ତଥା ଆବେଦନକାରୀଙ୍କୁ ଏହା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି । ଫଳରେ ଅବସରର ୧୫ବର୍ଷ ପରେ ଆବେଦନକାରୀ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ପାଇବେ ।

୧୯୯୦ରୁ ୨୪ ବର୍ଷ କାମ କରିବା ପରେ ଅବସର ନେବା ପର୍ଯ୍ୟନ୍ତ ମଞ୍ଜୁରିପ୍ରାପ୍ତ ପଦବିରେ ରାଜ୍ୟ ସରକାର ଓ ପୌରପାଳିକା ପାଇଁ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଦାବିକୁ ଅସ୍ୱୀକାର କରିବା ନ୍ୟାୟକୁ ଉପହାସ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହ ମୂଳ ନିଯୁକ୍ତି ତାରିଖକୁ ବିଚାରକୁ ନେଇ ଆବେଦନକାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ୮ ସପ୍ତାହ ଭିତରେ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

**୮ ସପ୍ତାହ ଭିତରେ ଅବସରକାଳୀନ ସୁବିଧା ପ୍ରଦାନ ନିର୍ଦ୍ଦେଶ**

ମାମଲାର ବିବରଣୀରୁ ପ୍ରକାଶ ଯେ ବାସୁଦେବପୁର ଏନ୍‌ଏସି (ବର୍ତ୍ତମାନ ପୌରପାଳିକା)ରେ ଅକ୍ଟ୍ରାଇ ଇନ୍ସପେକ୍ଟର୍ ଭାବେ ୧୯୮୭ ଜୁଲାଇ ୨ରେ ଆବେଦନକାରୀଙ୍କୁ ନିଯୁକ୍ତି ମିଳିଥିଲା । ତାଙ୍କୁ ପରବର୍ତ୍ତୀ ସମୟରେ କମ୍ୟୁନିଟି ଅର୍ଗାନାଇଜର୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ୧୯୯୯ରେ ଅକ୍ଟ୍ରାଇ ଟ୍ୟାକ୍ସ ଉଚ୍ଛେଦ ହେବା ପରେ ଆବେଦନକାରୀଙ୍କୁ କମ୍ୟୁନିଟି ଅର୍ଗାନାଇଜର୍ ଭାବେ ଏନଏସିରେ ଅବସ୍ଥାପିତ କରାଯାଇଥିଲା । ନିଜ କାର୍ଯ୍ୟକାଳ ଭିତରେ ଦୁଇଥର ସେ ଏନଏସିର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିଲେ । ଗତ ୨୦୧୧ରେ ସେ ଅବସର



ନେଇଥିଲେ । ତାଙ୍କୁ କିନ୍ତୁ ପେନସନ୍ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରା ନ ଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ ।

**ଆଇନ ମନ୍ତ୍ରୀଙ୍କ ସୂଚନା**

## ରାଜ୍ୟରେ ପ୍ରତିଷ୍ଠା ହେବ ୭ ମହିଳା ଫାଷ୍ଟଟ୍ରାକ୍ ଏବଂ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ

ଭୁବନେଶ୍ୱର, ୯।୫(ସମିସ): ବିଗତ କିଛି ଦିନରେ ରାଜ୍ୟରେ ମହିଳା ବିରୋଧୀ ଅତ୍ୟାଚାର ଏବଂ ସାଇବର ଅପରାଧ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏପରି ଅପରାଧର ନିୟନ୍ତ୍ରଣ ଜରୁରୀ ହୋଇପଡ଼ିଥିବା ବେଳେ ରାଜ୍ୟ ସରକାର ଏନେଇ ଗୁରୁତର ସହ ବିଚାର କରିବା ଆରମ୍ଭ କରିଛନ୍ତି । ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ୍ତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି । ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଉପରୋକ୍ତ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍‌ମ୍ୟାପ୍‌କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆଇନ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ଜାତିସଂଘ ଜନସଂଖ୍ୟା ପାଣ୍ଠିର ଓଡ଼ିଶା ମୁଖ୍ୟ ନଦୀମ୍ ନୁର୍ ପ୍ରମୁଖ କର୍ମଶାଳାରେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ୟୁଏନ୍‌ଏଫ୍‌ପିଏର ସୂର୍ଯ୍ୟପ୍ରକାଶ ଧନ୍ୟବାଦ ଦେଇଥିଲେ ।

## କବିତାରାଣୀଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର, ୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକର ପୂର୍ବତନ ବିଜେଡି ମହିଳା ସଭାନେତ୍ରୀ କବିତାରାଣୀ ମହାପାତ୍ରଙ୍କୁ ନିଲମ୍ବିତ କରିଛି ବିଜେଡି । ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି ।

## 'ସକାଳ' ଓ 'ନନ୍ଦିଘୋଷ ଟିଭି' ବୁଲି ଦେଖିଲେ ଲିଟିଲ ଷ୍ଟାର ଗ୍ରୁପ

ଭୁବନେଶ୍ୱର, ୯।୫(ସମିସ): ଖରା ଛୁଟିରେ ପିଲାମାନଙ୍କୁ କିଛି ଶିକ୍ଷଣୀୟ ଜ୍ଞାନ ପ୍ରଦାନ ପାଇଁ ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର୍ ଗ୍ରୁପ ପକ୍ଷରୁ ଆୟୋଜିତ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଛି । ଦୀର୍ଘ ଦଶ ଦିନ ଧରି ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଗଳ୍ପ କବିତା ରଚନା, ଚିତ୍ରାଙ୍କନ, ନୃତ୍ୟ, ଗୀତ ବକ୍ତୃତା ଆଦି ବିଭାଗରେ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଗ୍ରୁପ୍ ପକ୍ଷରୁ ଉର୍ମିଳା ମହାରଣା, ଗୌରୀ ଶଙ୍କର ମହାପାତ୍ର, ଅଜୟ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଶନିବାର ଉଦ୍‌ଯାପନୀ ଉତ୍ସବରେ ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ପିଲାମାନଙ୍କୁ ଏକ ଶିକ୍ଷା ଭ୍ରମଣରେ ଭୁବନେଶ୍ୱର ଅଣାଯାଇ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ପଠାଣିସାମନ୍ତ ପ୍ଲାନେଟୋରିୟମ ଆଦି ଭ୍ରମଣ ପାଇଁ ନିଆଯାଇଥିଲା । ପରେ ପିଲାମାନେ କେନ୍ଦ୍ର ସରକାରଙ୍କ ସିପେଟ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସିପେଟ୍‌ର ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଅନ୍ୟତମ ପ୍ରଫେସର ବିଶ୍ୱଜିତ ବେହୁରା ପିଲାମାନଙ୍କ ସହ ଭାବବିନିମୟ କରିବା ସହ ପିଲାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ।

ସେହିଭଳି ସନ୍ଧ୍ୟାରେ ପିଲାମାନେ ଦୈନିକ ଖବରକାଗଜ 'ସକାଳ'ର ମୁଖ୍ୟ କାର୍ଯ୍ୟାଳୟକୁ ଆସି ଖବରକାଗଜ ପ୍ରକାଶନର ଜ୍ଞାନକୌଶଳ ବୁଲି ଦେଖିବା ସହ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟକୁ ଯାଇ ଖବର ପ୍ରସାରଣ ବ୍ୟବସ୍ଥା ଦେଖିଥିଲେ । 'ସକାଳ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ ପିଲାମାନଙ୍କୁ ବିଭିନ୍ନ ବିଭାଗ ବୁଲାଇ ଦେଖାଇଥିଲେ ।

## ଇପିଏଫ କର୍ତ୍ତୃପକ୍ଷଙ୍କ ସହ ପେନ୍‌ସନର୍ସ ସଂଘର ଆଲୋଚନା



ଭୁବନେଶ୍ୱର, ୯।୫(ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଏକ ପ୍ରତିନିଧି ଦଳ ଇପିଏଫ୍ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଠାରେ ଆଞ୍ଚଳିକ ଆୟୁକ୍ତ ରାଜର୍ଷି ଚକମାଙ୍କୁ ଭେଟି ଇପିଏଫ ପେନସନ ଭୋଗୀଙ୍କ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଆଞ୍ଚଳିକ କମିସନର ଆବେଶ ମିଶ୍ର ଓ କାଶୀନାଥ ସାହୁ ଉପସ୍ଥିତ ଥିଲେ । ପ୍ରଥମେ ଆସୋସିଏସନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସାତଦଫା ସମ୍ବଳିତ ସମସ୍ୟା ଉପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଇପିଏଫଓଙ୍କ ଦ୍ୱାରା ନାକଚ କରାଯାଇଥିବା ବର୍ଦ୍ଧିତ ପେନସନ ଦରଖାସ୍ତ ଗୁଡ଼ିକୁ ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ । ଓଡ଼ିଶା ଉଠାଜଳସେଚନ ନିଗମର ୨୦୧୪ମସିହା ପର ଦରଖାସ୍ତ ଗୁଡ଼ିକ ସମୀକ୍ଷା କରାଯାଉଛି ବୋଲି କମିଶନର ପ୍ରକାଶ କରିଥିଲେ । ଅନ୍ୟ କେଶ୍ ଗୁଡ଼ିକ ବାବଦରେ ବିସ୍ତୃତ ବିବରଣୀ ଦେଲେ ସେମାନେ ପରବର୍ତ୍ତୀ ସମୀକ୍ଷା କରିବେ । ଓଡ଼ିଶା କୃଷିଶିଳ୍ପ ନିଗମ ଓ ପୁରୀ କେନ୍ଦ୍ର ସମବାୟ ବ୍ୟାଙ୍କ ର କର୍ତ୍ତୃପକ୍ଷ ପୈଠ କରିଥିବା ଫର୍ମ ୧୧(୪)ର ସଠିକ ପ୍ରମାଣ ଦେଲେ ତାହାକୁ ବିଚାର କରାଯିବ । କାଜୁ ନିଗମ କର୍ତ୍ତୃପକ୍ଷ ଆବଶ୍ୟକୀୟ କାଗଜ ପତ୍ର ଭବିଷ୍ୟନିଧି କାର୍ଯ୍ୟାଳୟରେ ଦାଖଲ କରି ନଥିବାରୁ ଏହି ନିଗମର ୪୦ଜଣ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କର ପ୍ରାପ୍ୟ ପାଇପାରିନଥିବା ବିଷୟ ଆଲୋଚନା ହୋଇଥିଲା । ଏ ବାବଦରେ ବିହିତ ପଦକ୍ଷେପ ନେବା ପାଇଁ ସ୍ଥିର ହୋଇଥିଲା । ଅନ୍ୟାନ୍ୟ ସମସ୍ୟା ଉପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଶ୍ରୀ ବ୍ରହ୍ମା । ଏହି ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ କରାଯାଇଥିଲା । ଆଲୋଚନାରେ ସଭାପତି ବିଜୟ କୁମାର ଜେନା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସଚ୍ଚିଦାନନ୍ଦ ସମାନ୍ତରାୟ ଓ ଗୀତାଞ୍ଜଳି ପାତ୍ର ଭାଗନେଇଥିଲେ ।

# ଅସାଧାରଣ ବ୍ୟକ୍ତିତ୍ୱ, ଅହଂକାର ବିବର୍ଜିତ ମଣିଷ ଜଷ୍ଟିସ ପଶାୟତ

**କ୍ଷୀରୋଦ ପାଢ଼ୀ**

ପଣ୍ଡିତ ଗୋପବନ୍ଧୁ ହୁଅନ୍ତୁ ବା ବାରିଷ୍ଟର୍ ମଧୁବାବୁ କିମ୍ବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ । ଏହିସବୁ ନାମକରା ଓଡ଼ିଆଙ୍କୁ ନୂଆପିଢ଼ି ନିଶ୍ଚିତ ଭାବେ ଭେଟି ନଥିବେ ବା ସଶରୀରେ ଦେଖିନାହାନ୍ତି । କିନ୍ତୁ, ସେମାନଙ୍କ ବିଷୟରେ ଏବେ ବହିରେ ପଢୁଛନ୍ତି ଓ ସେମାନଙ୍କୁ ନିଜର ରୋଲ-ମଡେଲ୍ ଭାବେ ଗ୍ରହଣ କରୁଛନ୍ତି । ହେଲେ ଆଜି ବି ସେହିଭଳି ଜଣେ ମହାନ ବ୍ୟକ୍ତିତ୍ୱ ଆମ ଗହଣରେ ଅଛନ୍ତି, ଯାହାଙ୍କ ମନପ୍ରାଣ ସବୁରେ ଓଡ଼ିଆ ଓ ଓଡ଼ିଶା । କିନ୍ତୁ ସେ ରାଜ୍ୟ ବାହାରେ ରୁହନ୍ତି ଓ ଆମ ରାଜ୍ୟକୁ ବିଶ୍ୱସ୍ତରରେ ପରିଚିତ କରାଇଛନ୍ତି । ସେ ହେଉଛନ୍ତି ଡକ୍ଟର୍ ଜଷ୍ଟିସ୍ ଅରିଜିତ ପଶାୟତ । ଆଜି ତାଙ୍କର ଶୁଭ ଜନ୍ମଦିନ । ସେ ଜଣେ ଅତି କୋମଳ, ସରଳ, ମାର୍ଜିତ, ଗର୍ବ ଓ ଅହଂକାର ବିବର୍ଜିତ ମଣିଷଟିଏ । ଯଦି କୌଣସି ସାଧାରଣ ମଣିଷଟିକୁ ପାଖରୁ ପାଇଯା'ନ୍ତି, ବେଶ୍ ଖୁସି ଅନୁଭବ କରନ୍ତି ସେ । ତାକୁ ପାଖରେ ବସାଇ ତାର ଭଲମନ୍ଦ କଥା ପଚାରନ୍ତି । ଭଲିକି ଭଲି ଖାଇବା ମଗାନ୍ତି । ଉଚ୍ଛ୍ୱାସିତ ବିଦାୟ ଦେବା ବେଳେ ନାନା ରକମର ଉପଦେଶ ଦିଅନ୍ତି । ଦେଶରେ ଅତି ଉଚ୍ଚ ସ୍ଥାନକୁ ଯିବା ପରେ ମଧ୍ୟ ଅତି ସାଧାରଣ ମଣିଷଟିଏ, ଲାଗେ ଯେମିତି ଫଳନ୍ତି ଗଛ ତଳକୁ ଝୁଲି ରହିଛି ।

ଠିକ ଦୁନିଆକୁ ଜାଣିବା ବୟସରୁ ବାପାଙ୍କୁ ହରାଇଥିବା ଅରିଜିତ ଛୋଟ ବେଳୁ ଦୃଢ଼ମନା ଓ ଖୁବ୍ ଜିଦଖୋର୍ ଥିଲେ । ଯାହା ହାସଲ କରିବା ପାଇଁ ଲକ୍ଷ୍ୟ ରଖୁଥିଲେ, ତାହା ନ ପାଇବା ପର୍ଯ୍ୟନ୍ତ ଶାନ୍ତିରେ ନିଶ୍ୱାସ ନେଉନଥିଲେ । ଶାନ୍ତ ହେବେ ବା କେମିତି? ସେପରା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ଦାୟାଦ । ବାପା ବିଶ୍ୱନାଥ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସଦସ୍ୟ ରହିବା ସହ ଜଣେ ଓକିଲ ଭାବେ ଦୁଃଖୀରଙ୍କୀଙ୍କ ସେବା କରିବା ଅରିଜିତ ଖୁବ୍ ନିକଟରୁ ଦେଖିଥିଲେ । ତେଣୁ, ପ୍ରଥମେ ଇଂଜିନିୟରିଂ ପଢ଼ିବା ପାଇଁ ବୁର୍ଲାରେ ନାମ ଲେଖାଇବା ପରେ ମଧ୍ୟ ଅଧାରୁ ଛାଡ଼ି ଆସିଥିଲେ । ହେଲେ ସ୍ୱାଭିମାନୀ ବାପା ବିଶ୍ୱନାଥଙ୍କ କହିବା ଥିଲା, ଫାଷ୍ଟକ୍ଲାସ୍ ଇଂଜିନିୟର୍ ହୋଇ ସରକାରୀ ଚାକିରି କରିବା ଅପେକ୍ଷା ଥାର୍ଡକ୍ଲାସ୍ ଓକିଲ ହେବା ଶ୍ରେୟସ୍କର ହେବ । ତୁରନ୍ତ ବାପାଙ୍କ କଥାରେ ହଁ ଭରି ଇଂଜିନିୟର୍ ପାଠକୁ ବାଏବାଏ କରିଥିଲେ ସେ । ବହୁମୁଖୀ ପ୍ରତିଭାର ଅଧିକାରୀ ଥିବା ଅରିଜିତ ତୁରନ୍ତ ଐତିହାସିକ ଖ୍ରାଏଷ୍ଟ କଲେଜରେ ଇଂରାଜୀ ଅନର୍ସ ସହ ଗଣିତ ଓ ଅର୍ଥନୀତିର ବିରଳ ସଂଯୋଗର ପାଠ ପଢ଼ିଥିଲେ । ଏହାକୁ ନେଇ ସେ ପୂର୍ବରୁ ନାମ ଲେଖାଇଥିବା ବୁର୍ଲା ଇଂଜିନିୟର୍ କଲେଜର ପ୍ରଫେସର୍ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ, ଯାହା ଜଣେ ଛାତ୍ରଙ୍କୁ ବେଶ୍ ଉତ୍ସାହିତ କରେ । ପରେପରେ ଚାର୍ଟାର୍ଡ ଆକାଉଣ୍ଟସ୍‌ରେ ଆର୍ଟିକଲସିପ ଓ ଇଣ୍ଟର୍‌ମିଡିଏଟ୍ ପାସ୍ କରିଥିଲେ । ପରେ ସେ ମଧୁସୁଦନ ଲ' କଲେଜରେ ଆଡମିସନ୍ ହୋଇଥିଲେ ଏବଂ ତାଙ୍କର ରୋଲ ନମ୍ବର ଏକ ହୋଇଥିଲା । ରାଜ୍ୟର ପ୍ରଥମ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ହୃଦାନନ୍ଦ ନାୟକଙ୍କ କନ୍ୟା ସୁବଳାଙ୍କୁ ସେ ବିବାହ କଲେ ।



ଜାତୀୟସ୍ତରରେ ବହୁ ଉଚ୍ଚ ପଦପଦବୀରେ ରହିଲେ ବି ସେ ନିଜ ରାଜ୍ୟକୁ ଏତେ ନିକଟରୁ ଜାଣିଛନ୍ତି ଯେ ବାଲେଶ୍ୱରଠାରୁ ବଲାଙ୍ଗିର, ମାଲକାନଗିରିଠାରୁ ମୟୂରଭଞ୍ଜ; ସବୁ ଜାଗାରେ ସେ ଲୋକଙ୍କର ବ୍ୟକ୍ତିଗତ ସଂପର୍କରେ ରହିଛନ୍ତି । ସୁପ୍ରିମକୋର୍ଟରେ ନିଜର ୮ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୨୫ ହଜାର ରିପୋର୍ଟେଡ୍ ଜଜମେଣ୍ଟ ଦେଇ ବିଶ୍ୱରେକର୍ଡ କରିଛନ୍ତି । ଜଷ୍ଟିସ ପଶାୟତ ସମ୍ବେଦନଶୀଳ ଜାହିରା ହବିବୁଲ୍ଲା ଶେଖ ବନାମ ଗୁଜରାଟ ମାମଲାରେ ସାକ୍ଷୀ ମାନଙ୍କର ବିଶ୍ୱସନୀୟତା ଏବଂ ବିଚାରର ନିରପେକ୍ଷତା ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରିଥିଲେ । ୨୦୦୨ମସିହାର ଚର୍ଚ୍ଚିତ ଗୁଜରାଟ ଦଙ୍ଗା ସମୟରେ ବେଷ୍ଟ ବେକେରୀ ପୋଡ଼ି ଘଟଣାରେ ୧୪ଜଣଙ୍କ ମୃତ୍ୟୁ ହୋଇଥିଲା । ସାକ୍ଷୀଙ୍କ ଭୟ ଏବଂ ପବ୍ଲିକ୍ ପ୍ରସିକ୍ୟୁଟୋରିଆଲ୍ ତ୍ରୁଟି ଯୋଗୁଁ ବିଚାର କାର୍ଯ୍ୟ ଗୁଜୁରାଟରୁ ମହାରାଷ୍ଟ୍ରକୁ ସ୍ଥାନାନ୍ତର କରିବାକୁ ଐତିହାସିକ ନିର୍ଦ୍ଦେଶ ଦେଇଥିଲେ ଏବଂ ମୂଳ ଅଭିଯୁକ୍ତଙ୍କ ସହ ପୁନଃବିଚାରକୁ ବାଧ୍ୟତାମୂଳକ କରିଥିଲେ । ଏହା ଆଜି ବିଶ୍ୱର ଶ୍ରେଷ୍ଠ ଦଶଟି କ୍ରିମିନାଲ ଜଜମେଣ୍ଟ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି । ସେହିଭଳି, ଆଇଆଇଟି ଓ ଆଇଆଇଏମ ଭଳି ସର୍ବଭାରତୀୟ ଅନୁଷ୍ଠାନଗୁଡ଼ିକରେ ଓବିସି ସଂରକ୍ଷଣର ବୈଧତା ନେଇ ବିଚାର ହେଉଥିବା ସାମ୍ବିଧାନିକ ଖଣ୍ଡପୀଠର ଅଂଶବିଶେଷ ଥିଲେ । ଏହାସହ କମ୍ପିଟିସନ୍ ଆପିଲେଟ୍ ଟ୍ରିବ୍ୟୁନାଲର ଚେୟାରମ୍ୟାନ, ନାଲସାର କାର୍ଯ୍ୟକାରୀ ଚେୟାରମ୍ୟାନ୍, କେରଳ ଓ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଭଳି ଗୁରୁଦାୟିତ୍ୱକୁ ସେ ସୁଚାରୁରୂପେ ପାଳନ କରିଛନ୍ତି । ଅଧୁନା, ସେ କଳାଧନ ସମ୍ପର୍କିତ ଗଠିତ ସ୍ୱତନ୍ତ୍ର ଇନଭେଷ୍ଟିଗେସନ୍ ଟିମ୍‌ର ଉପାଧ୍ୟକ୍ଷ ରହି ବେଶ୍ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ତାଙ୍କ ଝିଅ ରାଜଦ୍ୱୀପା ବେଉରା ବାପାଙ୍କ ବିନା ସୁପାରିଶ ବା ପ୍ରୋତ୍ସାହନରେ ଦିଲ୍ଲୀ ହାଇକୋର୍ଟରୁ ପ୍ରଥମ ମହିଳା ଡେଜିଂନେଟେଡ୍ ସିନିଅର୍ ଆଡଭୋକେଟ୍ ହୋଇ ସୁପ୍ରିମକୋର୍ଟରେ ଓକିଲାତି କରିବା ସହ ପୁଅ ବିଘ୍ନରାଜ ମଧ୍ୟ ଓକିଲାତି ପେସାରେ ନିଜକୁ ନିୟୋଜିତ କରିଛନ୍ତି । ସେ ଯେତେ ଉପରକୁ ଗଲେ ମଧ୍ୟ ନିଜ ପୈତୃକ ଗାଁ ଜଗତସିଂହପୁରର ରାଣୀପଡ଼ାକୁ ନିୟମିତ ବ୍ୟବଧାନରେ ଯାଇ ଭାଇଚାରା ବଜାୟ ରଖନ୍ତି । ବୋଧହୁଏ, ତାଙ୍କର ଏହିଭଳି ନମ୍ର ସ୍ୱଭାବ ପାଇଁ ଭଗବାନ ତାଙ୍କୁ ଏତେ ଉଚ୍ଚ ଆସନରେ ବସେଇଛନ୍ତି । ଆଜି ଏହି ମହାନୁଭବଙ୍କ ୮୨ତମ ଜନ୍ମବାର୍ଷିକୀ । ଭଗବାନ ତାଙ୍କୁ ସବୁବେଳେ ଏମିତି ନିରୋଗ ଓ ଚଳଚଞ୍ଚଳ ରଖନ୍ତୁ । ■

ଭୁବନେଶ୍ୱର

